RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -240 ସଂଖ୍ୟା-୨୪୦
ଭୁବନେଶ୍ୱର, ସୋମବାର ୦୮ ଡିସେମ୍ବର ୨୦୨୫
Bhubaneswar, Monday 08 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବଦଳିବ ମା’ ତାରିଣୀଙ୍କ ପୀଠର କାୟାକଳ୍ପ

କେନ୍ଦୁଝର,୭।୧୨(ନି.ପ୍ର.); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଘଟଗାଁ ମା ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ ପାଇଁ ଶିଳାନ୍ୟାସ କରିବା ସହ ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଅବସରରେ ରାଉରକେଲା ଓ ଯାଜପୁର ପରେ କେନ୍ଦୁଝର ରାଜ୍ୟର ତୃତୀୟ ଇସ୍ପାତ ନଗରୀ ହେବା ଏବଂ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସମୁଦାୟ ୩୧୩ କୋଟି ଟଙ୍କା ବ୍ୟୟ ବରାଦରେ ଆଜି ମା’ ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ଏବଂ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହେବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମା’ଙ୍କ ଡୋରି ଲାଗିଲା, ମା ଙ୍କ ସେବା ପାଇଁ ସୁଯୋଗ ମିଳିଲା। କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ଆଜି ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ମା’ ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ତାଙ୍କ ଅଠରମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଥିବାରୁ ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ, ମା’ ତାରିଣୀଙ୍କ ପୀଠକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ । ମା’ଙ୍କ ପୀଠର ଉନ୍ନତିକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ କାରଣ, ଏହି ଉନ୍ନତିକରଣ କାର୍ଯ୍ୟ ମା’ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଂଜୁର ହୋଇଥିବା ୩୧୩ କୋଟି ଟଙ୍କା ଏକ ବର୍ଷ ମଧ୍ୟରେ







ଖର୍ଚ୍ଚ ହେବ ଆଉ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଅଂଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏଥିସହିତ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେଯେ ଆଉ ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ା ଯାଇ ମନ୍ଦିରର ଦେହୁରୀ ମାନଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ । ପୂର୍ତ୍ତ ବିଭାଗ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର ମଧ୍ୟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ ଟାୱାର, ମାର୍କେଟ୍ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ୍, ପୋଷାକ କୋଠରୀ, ଜୋତା ଷ୍ଟାଣ୍ଡ, ଟିକେଟ କାଉଂଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ୍ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ, ମା’ ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଂଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିବା ସହିତ କେନ୍ଦୁଝର, ଯାହା ପ୍ରାକୃତିକ ସମ୍ପଦର ଗନ୍ତାଘର ଓ ଓଡିଶାର ହୃଦୟ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ ହେବ ।

ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ । ସବୁ ଶିଳ୍ପ ଓ ଖଣି ଅଂଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛି । କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି । ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଂଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି । କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି । ସେ ଗୁଡ଼ିକର ଆପଣଙ୍କ ପାଇଁ ଖୁବ୍ ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ଓଡ଼ିଶା ପାଇଁ ହେବ ଏକ ବାସ୍ତବତା । କେନ୍ଦୁଝର ପାଇଁ ବିକାଶର ଚିତ୍ର ଆଙ୍କି ମୁଖ୍ୟମନ୍ତ୍ରୀ କହିଲେ ଯେ କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଚଣ୍ଡିଖୋଲ ରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। ଏ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ।

କେନ୍ଦୁଝର ର ବିକାଶ ପାଇଁ ବଡ଼ବିଲ ରେ ଏକ ଚାରି ଲେନ ବିଶିଷ୍ଟ ରିଙ୍ଗ ରୋଡ ହେବ। ଏଥିପାଇଁ ୨୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହା ସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଂଟର, ବଳଭଦ୍ରପୁର ରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଂଟର,୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟି ଟଙ୍କାରେ ସାନଘାଗରା ଠାରେ ଆରପିଆରସି ଆଦି ଅନେକ ପ୍ରକଳ୍ପ ସଂପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## କଳିଙ୍ଗା ଘାଟୀରେ ସତର୍କ ଘଣ୍ଟି

**କନ୍ଧମାଳ,୭।୧୨ :** ଶୀତଦିନେ ଘାଟିଗୁଡିକରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପରୀକ୍ଷାମୂଳକ ଭାବେ କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ସତର୍କ ଘଣ୍ଟି ଲଗାଇଛି। ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଘାଟିର ଉଭୟ ପାର୍ଶ୍ୱରେ ସାଇରନ୍ ଲଗାଯାଇଛି। କୌଣସି ପଟରୁ ଗାଡ଼ି ଆସୁଥିଲେ ସାଇରନ୍ ବାଜି ଏହା ସତର୍କ କରାଇବ। ଫଳରେ ଚାଳକ ସାବଧାନତାର ସହ ଘାଟିକୁ ପାର କରିବେ।

ଶୀତଦିନେ କୁହୁଡ଼ି ଓ ପିକନିକ୍ ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢିଥାଏ। ଏହାକୁ ରୋକିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ବିଭିନ୍ନ ପଦକ୍ଷେପ ନେଇଛି। ଚାରି ମାସିଆ ସଡ଼କ ସୁରକ୍ଷା ପଦକ୍ଷେପ ଯେଉଁଥିରେ ସଚେତନତା ଏବଂ ଏନଫୋର୍ସମେଣ୍ଟ ସହ ରାତିରେ ଡ୍ରାଇଭରକୁ ସତେଜ ରଖିବାକୁ ଚା’ ବଣ୍ଟନ ବ୍ୟବସ୍ଥା ହୋଇଛି। ତେବେ ଘାଟିରେ ଦୁର୍ଘଟଣା ରୋକିବା ପାଇଁ ବୈଷୟିକ ଜ୍ଞାନ କୌଶଳର ସହାୟତ ନିଆଯାଇଛି। ଏଥିପାଇଁ ଆଇଆଇଟି ଭୁବନେଶ୍ୱରକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେନସର ସହାୟତାରେ ସାଇରନ୍ ଘଣ୍ଟିର ବ୍ୟବସ୍ଥା କରାଯାଇଛି। ପ୍ରଥମେ ଏହା ପରୀକ୍ଷାମୂଳକ ଭାବେ ଲାଗୁ ହୋଇଛି। ଯଦି ଏହାର ସୁଫଳ ଅନୁଭୂତ ହେଲା, ତେବେ ଏହାକୁ ସ୍ଥାୟୀ ଭାବରେ ସଡ଼କ ବ୍ୟବହାରକାରୀଙ୍କ ହିତ ଦୃଷ୍ଟିରୁ ବ୍ୟବହାର କରାଯିବ। ତେବେ କେବଳ କଳିଙ୍ଗା ଘାଟି ନୁହେଁ, ଆଗକୁ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ଅନ୍ୟାନ୍ୟ ବ୍ଲାକସ୍ପଟ୍ (ଦୁର୍ଘଟଣା ପ୍ରବଣ ସଡ଼କ)ରେ ବୈଷୟିକ ଜ୍ଞାନ କୌଶଳ ସହାୟତାରେ ଚାଳକଙ୍କୁ ସତର୍କ କରିବା ପାଇଁ ବିଭିନ୍ନ ପ୍ରୟାସ କରାଯିବ। ସେଥିପାଇଁ ଦେଶର ପ୍ରତିଷ୍ଠିତ ପ୍ରତିଷ୍ଠାନ ମାନଙ୍କର ସହଯୋଗ ନିଆଯାଉଛି।

## ଟ୍ରକ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ପୁରୁଣାକଟକ,୭।୧୨ (ନି.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ପୁରୁଣାକଟକ ଥାନା ଅନ୍ତର୍ଗତ ମାର୍ଦିଙ୍ଗ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଛି। କନ୍ଧମାଳଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପାଦ ଗ୍ରାମର ବିରୁପାକ୍ଷ ରାଉତ (୪୨) ଓ ତାଙ୍କ ପତ୍ନୀ ଅପରାଜିତା ରାଉତ (୩୯) କୌଣସି ଏକ କାମରେ ଘରୁ ପୁରୁଣାକଟକକୁ ବାଇକ ଯୋଗେ ଆସୁଥିଲେ। ମାର୍ଦିଙ୍ଗ ନିକଟରେ ଭୁବନେଶ୍ୱର ପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେବାରୁ ଉଭୟେ ବଡ଼ ଦୁର୍ଘଟଣାର ଶିକାର ହୋଇଥିଲେ। ପତ୍ନୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣା ସ୍ଥଳରେ ହିଁ ପତ୍ନୀ ପ୍ରାଣ ହରାଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଚରିଛକ ଦମକଳ ବହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଓ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେପଟେ ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ମାରୁଥିବା ବେଳେ ହରେକୃଷ୍ଣପୁର ଛକରେ ଉତ୍ତ୍ୟକ୍ତ ଲୋକେ ଅଟକାଇ ପୁଲିସର ଜିମା ଦେଇଛନ୍ତି।

## ବିଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ବିନିକା,୭।୧୨ (ନି.ପ୍ର.):** ଦୀର୍ଘ ଦିନ ହେବ ଜଣେ ବୃଦ୍ଧା ନିଖୋଜ ଥିଲେ। ଆଜି ବିନିକା ଥାନା ଅଧୀନ ବିନିକା ସହର ୱାର୍ଡ-୧ର ଏକ ଧାନ ବିଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବୃଦ୍ଧାଙ୍କ ଶରୀରରେ ବସ୍ତ୍ର ନଥିବା ବେଳେ ନାକରେ ରକ୍ତ ବାହାରିବା ସହ ଶରୀରରେ ବିଭିନ୍ନ ସ୍ଥାନରେ ଦାଗ ରହିଛି। ମୃତ ବୃଦ୍ଧା ଜଣକ ହେଲେ ବିନିକା ସହର ମନହରୀପଡ଼ାର ପ୍ରଭାସିନୀ ମଲ୍ଲିକ (୭୦)। କେହି ଦୁଷ୍କର୍ମ କରିବା ପରେ ହତ୍ୟାକରି ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ମୃତ ବୃଦ୍ଧାଙ୍କର ଝିଅ ବାସନ୍ତୀ ମଲ୍ଲିକ ବିନିକା ଥାନାରେ ଲିଖିତ ଅଭିଯୋଗ ପରେ ଥାନାରେ ୟୁଡି-୨୧/୭-୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ଧାମରାରେ ବୁଲୁଛି ମହାବଳ !

**ଚାନ୍ଦବାଲି,୭।୧୨ (ନି.ପ୍ର.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି। ଧାମରା ବନ୍ଦର ୩ ନଂ. ଗେଟ୍ ଆଗରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ କେହି ଜଣେ ଭାଇରାଲ କରିଛନ୍ତି। ପ୍ରକୃତରେ ସେଠାରେ ବାଘ ଅଛି ନା କୃତ୍ରିମ ବୁଦ୍ଧିମା (ଏଆଇ) ମାଧ୍ୟମରେ ପ୍ରସ୍ତୁତ କରାଯାଇ ଭାଇରାଲ ହୋଇଛି, ତାହାର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ତେବେ ଏହି ଭିଡିଓ ଭାଇରାଲ ହେବା ପରେ ଧାମରା ବନପାଳ କୁମୁଦ ଚନ୍ଦ୍ର ସାହୁ ଏବଂ କରଞ୍ଜମାଳ ବନପାଳ ସନ୍ତୋଷ ମାଝୀ ୫ଜଣ ବନରକ୍ଷୀଙ୍କୁ ନେଇ କଇଥଖୋଲା, କରଞ୍ଜମାଳ ଅଞ୍ଚଳ ବୁଲି ଦେଖିବା ସହ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମଧ୍ୟ ପାଇନାହାନ୍ତି। ପ୍ରଥମେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସିସି କ୍ୟାମେରାରେ ଏହି ଭିଡିଓ କଏଦ ହୋଇଥିବା କଥା ଶୁଣିବାକୁ ମିଳିଥିବା ବେଳେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଶନିବାର ଦିନତମାମ ବନପାଳ ଏବଂ ବନରକ୍ଷୀମାନେ ସମସ୍ତ ସ୍ଥାନ ବୁଲି ଦେଖିଥିଲେ ମଧ୍ୟ ମହାବଳ ବାଘର କୌଣସି ସୁରାକ୍ ପାଇନାହାନ୍ତି।

# ଔପନିବେଶିକ ମାନସିକତାମୁକ୍ତ ଶିକ୍ଷା ବ୍ୟବସ୍ଥା ହେବ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୧୨ (ନି.ପ୍ର.):** ‘ପୋଷଣ ଅଭିଯାନ’ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ତୁଳିତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଉତ୍ତମ ପୋଷଣ ପିଲାମାନଙ୍କର ଏକାଗ୍ରତା ଓ ଶିଖାଇବାର କ୍ଷମତା ବଢ଼ାଇବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବାନ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ନାଗରିକ ଭାବରେ ଗଢ଼ି ତୋଳିବାରେ ସହାୟକ ହେବ, ଯାହା ‘ବିକଶିତ ଭାରତ’ର ସ୍ୱପ୍ନକୁ ସାକାର କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ଭୋପାଳରେ ଆୟୋଜିତ ‘ଜାତୀୟ ଶିକ୍ଷା ନୀତି ୨୦୨୦ - କ୍ରିୟାନ୍ୱୟନ, ଆହ୍ୱାନ ଏବଂ ସମ୍ଭାବନା’ ଉପରେ ଏକ ଦିବସୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମଧ୍ୟପ୍ରଦେଶ ରାଷ୍ଟ୍ରୀୟ ଶିକ୍ଷା ନୀତି - ୨୦୨୦ ଏବଂ ଭାରତୀୟ ସଂସ୍କୃତି ଉଭୟକୁ ସମାନ ଗତିରେ ଆଗକୁ ବଢ଼ାଇବାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଔପନିବେଶିକ ମାନସିକତାରୁ ମୁକ୍ତ ଏକ ଆତ୍ମଗୌରବରେ ପରିପୂର୍ଣ୍ଣ ଶିକ୍ଷା ପ୍ରଣାଳୀ ପ୍ରତିଷ୍ଠା କରିବାକୁ ଆମର ସଂକଳ୍ପ ରହିଛି। ସେ ଆହୁରି କହିଛନ୍ତି, ମଧ୍ୟପ୍ରଦେଶ ଆଗାମୀ ୨୫ ବର୍ଷ ପାଇଁ ଏକ ଯୁବ ପ୍ରଦେଶ ହୋଇ ରହିବ ଏବଂ ବିକଶିତ ଭାରତର



ପରିକଳ୍ପନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏଆଇର ବ୍ୟବହାର ଦ୍ୱାରା ଯେତେବେଳେ ପାରମ୍ପରିକ ଜ୍ଞାନକୁ ନୂତନ ଜ୍ଞାନକୌଶଳ ସହିତ ଯୋଡ଼ାଯିବ, ସେତେବେଳେ ମଧ୍ୟପ୍ରଦେଶ ତଥା ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଏକବିଂଶ ଶତାବ୍ଦୀର ନୂତନ ଦିଗ ମିଳିବ। ଏଥିପାଇଁ ସେ ‘ଏଆଇ ଟ୍ୟୁଟର’ ଭଳି ପଦକ୍ଷେପରେ ମଧ୍ୟପ୍ରଦେଶକୁ ଅଗ୍ରଣୀ ହେବାକୁ ଆହ୍ୱାନ କରିଥିଲେ।

ମଧ୍ୟପ୍ରଦେଶ ସରକାରଙ୍କ ‘ସ୍କୁଲ ଚଲେଁ ହମ୍’ ଅଭିଯାନ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା, ଡ୍ରପ-ଆଉଟ ହାର ହ୍ରାସ କରିବା ଏବଂ ଆଧୁନିକ ଶିକ୍ଷଣ ପଦ୍ଧତିଗୁଡ଼ିକୁ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅଧିକରୁ ଅଧିକ ପିଲା ଶିକ୍ଷା ସହିତ ଯୋଡ଼ି ହୋଇ ଜ୍ଞାନ ଏବଂ ସଂସ୍କାରରେ ସଶକ୍ତ ହୋଇ ‘ବିକଶିତ ମଧ୍ୟପ୍ରଦେଶ’ ଏବଂ ‘ବିକଶିତ ଭାରତ’ର ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇ ଚାଲିଛନ୍ତି। ଛାତ୍ରୀମାନଙ୍କୁ ଖେଳକୁଦ, ସାଂସ୍କୃତିକ ପ୍ରଦର୍ଶନ ଏବଂ କରାଟେ ଭଳି ଦକ୍ଷତା ସହିତ ବିଭିନ୍ନ ଏକ୍ସଟ୍ରା-କରିକୁଲାର କାର୍ଯ୍ୟରେ ଉତ୍ସାହର ସହିତ ଭାଗ ନେଉଛନ୍ତି, ଯାହା ପ୍ରଂଶସନୀୟ। ମଧ୍ୟପ୍ରଦେଶ ସରକାରଙ୍କ ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶକୁ ଏକ ନୂଆ ଦିଗ ଦେଇଛି।

ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ ଏବଂ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଭୋପାଳର କମଳା ନେହେରୁ ସାନ୍ଦୀପନି କନ୍ୟା ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ।

# ମହିଳାଙ୍କ ହତ୍ୟାକୁ ନେଇ ୫୦ ଘର ଜାଳିଦେଲେ



**ମାଲକାନଗିରି,୭।୧୨ (ନି.ପ୍ର.):** ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୋରକୋଣ୍ଡା ବ୍ଲକର ମାରିଡା ପଞ୍ଚାୟତର ଏମଭି-୨୬ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଆଦିବାସୀ ଲୋକେ ଗାଁରେ ପଶି ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ନିଆଁ ଲଗାଇ ଦେଇଛନ୍ତି। ଏଥିସହ ଦୋକାନ ଲୁଟିବା ସହ ଅଟୋ, ମଟର ସାଇକେଲକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ପୁଲିସ ଉପସ୍ଥିତ ଥିଲେ ମଧ୍ୟ ଦେଖଣାହାରି ହୋଇଥିଲା। ଏତେ ଲୋକଙ୍କୁ ଅଟକାଇବାରେ ଅସଫଳ ହୋଇଥିଲା ପୁଲିସ।

କୋରକୋଣ୍ଡା ବ୍ଲକର ରାଖାଲଗୁଡା ଗ୍ରାମର ମହିଳା ଲାକେ ପଡିଆମିଙ୍କ ମୁଣ୍ଡ ବିହୀନ ଶବ ଗତ ୪ ତାରିଖ ଦିନ ଡୁଡାମେଟଲା ନଦୀ କୂଳରେ ମିଳିଥିଲା। ଏହା ପରେ ଗ୍ରାମବାସୀ ଏବଂ ଆଦିବାସୀ ମହାସଂଘ ପକ୍ଷରୁ ପୁଲିସକୁ ତୁରନ୍ତ ମୁଣ୍ଡ ଏବଂ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରାଯାଉଥିଲା। ଶନିବାର ଶତାଧିକ ଆଦିବାସୀ ରାଖାଲଗୁଡା ଗ୍ରାମରେ ଏକତ୍ର ହୋଇ ମେଳି କରି ପୋଲିସକୁ ଚେତାବନୀ ଦେଇଥିଲେ। ଏହା ପରେ ଆଜି ଶହ ଶହ ଆଦିବାସୀ ପୁରୁଷ ଓ ମହିଳା ଏକତ୍ର ହୋଇ ଏମଭି-୨୬ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଏକ ବୈଠକ କରିଥିଲେ। ସମସ୍ତ ଆଦିବାସୀ ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରିଥିଲେ। ଏହି ଖବର କୋରକୋଣ୍ଡା ପୁଲିସ ପାଇବା ପରେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲା। କିନ୍ତୁ ଲୋକେ ପୁଲିସ କଥାକୁ ଶୁଣିନଥିଲେ। ଅପରାହ୍ନ ୪ଟା ବେଳେ ହଠାତ ଲୋକେ ଉଗ୍ରରୂପ ଧାରଣ କରିଥିଲେ। ଶହଶହ ଲୋକେ ଗ୍ରାମବାସୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଲୁଟପାଟ କରିଥିଲେ। ଯାହା ପାରିଲେ ଭାଙ୍ଗିଲେ। ଦୋକାନର ସମସ୍ତ ସାମାନ ଲୁଟି ନେଲେ। ପୁଲିସ କେବଳ ଦେଖଣାହାରି ହୋଇ ରହିଯାଇଥିଲା। ପୁଲିସ ଲୋକଙ୍କୁ ଆୟତ୍ତ କରିବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଲୋକଙ୍କର ଉଗ୍ର ରୂପ ଆଗରେ ପୁଲିସ ହାର ମାନିଥିଲା। ଲୋକଙ୍କର ଘରକୁ ନିଆଁ ମଧ୍ୟ ଲଗାଇ ଦେଇଥିଲେ। ସବୁ ଛିନଛତର୍ କରିବା ପରେ ସେଠାରୁ ଚାଲି ଯାଉଥିଲେ।

ଖବର ପାଇ ମାଲକାନଗିରି ଏସପି ବିନୋଦ ପାଟିଲ ଏଚ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଉପଜିଲ୍ଲାପାଳ ଅଶ୍ମି ଏ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସମେତ ମାଲକାନଗିରି ଆଇଆଇସି ରିଗାନ କିଣ୍ଡୋ, କୋରକୋଣ୍ଡା ଆଇଆଇସି ହିମାଂଶୁ ବାରିକ, ବାଲିମେଲା ଆଇଆଇସି ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାକ୍ଟରରେ ନିଆଁ ଲାଗି ଜଳି ଗଲା ଧାନ ଗଦା



ନବରଙ୍ଗପୁର,୭।୧୨(ନି.ପ୍ର): ରାଇଘର ବ୍ଲକ ଅନ୍ତର୍ଗତ ଧୂଙ୍ଗିଯାଡିହି ଗ୍ରାମ ତିନି ଚାଷୀ ଙ୍କ ଧାନ ଗଦା ସହ ଟ୍ରାକ୍ଟର ନିଆଁ ଲାଗି ଜଳି ଯାଇଛି ଟ୍ରାକ୍ଟର ଟି ଧାନ ଥ୍ରେସର ଲଗେଇ ଧାନ ମିଣ୍ଡେଉ ଥିବା ସମୟରେ ଏହିଭଳି ଅଘଟଣ ଘଟିଛି ଅନୁମାନ କରାଯାଉଛି ସର୍ଟ ସର୍କିଟ ଯୋଗୁଁ ଏହି ଭଳି ଅଗ୍ନିକାଣ୍ଡ ଘଟିଛି ଏହି ଦୁର୍ଘଟଣା ଯୋଗୁଁ ଟ୍ରାକ୍ଟର ଟି ସମ୍ପୂର୍ଣ ଜଳି ଯାଇଥିବା ବେଳେ ଚାଷୀ ଧାନ ଗାନ୍ଧି ରାମ ଗୋଣ୍ଡ, ବାବୁ ଦାସ ଗୋଣ୍ଡ, ରୋହିଦାଶ ଗୋଣ୍ଡ ତିନି ଭାଇ ଙ୍କ ପ୍ରାୟ ନଅ ଏକର ର ଧାନ ଜଳି ପାଉଁଶ ହୋଇଯାଇଛି। ତିନି ଜଣ ଯାକ ଜଣେ ଜଣେ ଛୋଟ ଚାଷୀ ହୋଇଥିବା ଯୋଗୁଁ ଧାର କରଜ କରି ଚାଷ କରିଥିଲେ। ଏହି ଘଟଣା ଯୋଗୁଁ ସର୍ବସ୍ ହରାଇଛନ୍ତି ପୋଡ଼ଶୀ ଛତିଶଗଡ ରାଜ୍ୟ ଫୁପୁଗାଁ ର ଇନ୍ଦ୍ରମଲ ବାଘେଲ ଙ୍କ ଟ୍ରାକ୍ଟର ଭଡା ରେ ଆଣି ଧାନ ମିଣ୍ଡାଉଥିଲେ। ତିନି ଚାଷୀ ଖବର ପାଇ ରାଇଘର ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଏକ ଟିମ ଯାଇ ନିଆଁ କୁ ଆୟତ କରିଛନ୍ତି ବର୍ତମାନ ମଣ୍ଡି ସମୟ ଆସୁଛି ହେଲେ ସେମାନଙ୍କ ପାଖରେ ଧାନ ନାହିଁ ସବୁ ନିଆଁ ର ଆଁ ରେ ପଶିଗଲା, ମନରେ ଦୁଃଖ ରେ ରହିଛି ଯଦି ମଣ୍ଡିରେ ଧାନ ଦେଇ ଥାନ୍ତେ ତାହାହେଲେ ଟଙ୍କା ପାଇ ଘର ଚଳିଥାନ୍ତା ଲୋକଙ୍କ ଠାରୁ ଧାର ଆଣି ଚାଷ କରିଥିଲେ ତାହା ପରିଷଧ କରି ପରିଥାନ୍ତେ । ତିନି ଭାଇ ଗରିବ ଶ୍ରେଣୀ ର ଲୋକ ସରକାର ତାଙ୍କୁ କୌଣସି ପ୍ରକାର ସାହାଯ୍ୟ କରିଥିଲେ ତିନି ଭାଇ ଉପକୃତ ହୋଇ ପରି ଥାନ୍ତେ ବୋଲି ପ୍ରକାଶ କରିଛନ୍ତି।



## ଡିସେମ୍ବର ୧୨ରେ ମହୋଦଧି ଦିବସ
# ଯୋଗଦେବେ ସୁନାମଧନ୍ୟ ଚଳଚ୍ଚିତ୍ର ତାରକା

ପୁରୀ,୭।୧୨:(ମନ୍ଥନ)ଚଳିତ ବର୍ଷ ଡିସେମ୍ବର ୧୨ରେ ୫ମ ମହୋଦଧି ଦିବସ ପୁରୀ ଲାଇଟ୍ ହାଉସ ସମ୍ମୁଖ ବେଳାଭୂମି ଠାରେ ଅନୁଷ୍ଠିତ ହେବ ଏହାସହ ଓଡିଶା ର ୧୫ ଟି ଜିଲ୍ଲା ରେ ମଧ୍ୟ ୧ମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ।ଆଗାମୀ ଭବିଷ୍ୟତ ପାଇଁ ସମୁଦ୍ରର ସୁରକ୍ଷା ବିଷୟବସ୍ତୁ ରଖାଯାଇଛି ଏ ସମ୍ପର୍କରେ ଶନିବାର ଅପରାହ୍ନରେ ହୋଟେଲ ଅତିଥି ହେରିଟେଜ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଆୟୋଜକ କମିଟି ତରଫରୁ କୁହାଯାଇଛି ଏ ବର୍ଷ କାର୍ଯ୍ୟକ୍ରମର ଅଧିକ ପ୍ରଚାର ପ୍ରସାର ପାଇଁ ବିଶେଷ ଭାବରେ ସମୁଦ୍ର ଜଙ୍ଗଲ ଓ ନଦୀ ଥିବା ଅଞ୍ଚଳରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କୁ ପ୍ରୋତ୍ସାହିତ କରାଯିବ । ଢେଙ୍କାନାଳ, ମାଲକାନଗିରି,କୋରାପୁଟ,ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର, କଟକ , ଖୋର୍ଦ୍ଧା, ବ୍ରହ୍ମପୁର, ବାରିପଦା, ଅନୁଗୁଳ ରେ ୧୦ ଓ ୧୧ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଡିସେମ୍ବର ୧୨ ତାରିଖ ଦିନ ପୁରୀ ବେଳା ଭୂମି ଲାଇଟ୍ ହାଉସ ସମ୍ମୁଖରେ ଭବ୍ୟକାର୍ଯ୍ୟକ୍ରମର ଆୟୋଜନ କରାଯିବଯସକାଳେ ୯ ଟା ରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି ବୋଟ ରେସ ସହିତ ରାଷ୍ଟ୍ରୀୟ ସ୍ତରୀୟ କଳାକାର ମାନଙ୍କୁ ନେଇ ମହୋଦଧି ଆର୍ଟ ପଦର୍ଶନୀ ଆୟୋଜିତ କରାଯିବୟ ଚିତ୍ର ଅଙ୍କନ ପ୍ରତିଯୋଗିତା, ଚିତ୍ର ଉତ୍ତୋଳନ ପ୍ରତିଯୋଗିତା, ବାଲୁକା ଚିତ୍ର କାର୍ଯ୍ୟକ୍ରମ ରହିଛି ବାଲୁକା ଚିତ୍ର ଅଙ୍କନ କରିବେ ବିଶ୍ୱ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ . ଅପରାହ୍ନ ୩ ଟା ରେ ରାଜ୍ୟ ସ୍ତରୀୟ କବିତା




ଆସର ଆୟୋଜିତ ହେବ ।ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ ସହିତ କଲିକତାର ଶ୍ରୀଜନ କଳା କେନ୍ଦ୍ର ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଆଗାମୀ ଚଳଚ୍ଚିତ୍ର ଲଢେଇ ଓ ବୁଲେଟର ପ୍ରୋମୋସନ୍ କରାଯିବ। ଟ୍ରାନସ ଜେଣ୍ଡର କମ୍ୟୁନିଟି ଦ୍ୱାରା ଫ୍ୟାସନ ସୋ ଓ ନୃତ୍ୟ ମୁଖ୍ୟ ଆକର୍ଷଣ ହେବ । ଏହି ଅବସରରେ ରେଡ ଡଟ୍ ସହାୟତାରେ କୃତି ଭିନ୍ନକ୍ଷମ ମାନଙ୍କୁ ସିଲେଇ ମେସିନ ଓ ହୁଇଲ୍ ଚେୟାର ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମହୋଦଧି ସମ୍ମାନ ଜାପାନ ର ଆକାଇ ଡୋଇ ଙ୍କୁ ପ୍ରଦାନ କରାଯିବ ସାମୁଦ୍ରିକ କ୍ରୀଡା ସହିତ ନୃତ୍ୟ, ଗୀତ ଏଂ ଚଳଚ୍ଚିତ୍ର ତାରକା ମାନଙ୍କର ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଅପରାହ୍ନ ରେ କବିତା ପାଠ କରିବେ ଓଡ଼ିଶାର ପ୍ରଖ୍ୟାତ କବି ଏଂ କବିୟତ୍ରୀ କଣ୍ଠ ଶିଳ୍ପୀ ରାଜେନ୍ଦ୍ର ମିଶ୍ର ଏଂ ଦେବାଂଶୀ ଦାଶ ଙ୍କ ଓଡ଼ିଆ। ଗୀତ ର କାର୍ଯ୍ୟକ୍ରମ ରହିଛିଓଡ଼ିଶାର ସୁପ୍ରସିଦ୍ଧ ଫିଲ୍ମ କଣ୍ଠ ଶିଳ୍ପୀ ବିଷ୍ଣୁ ମୋହନ କବି,ସାଗରୀକା ମିଶ୍ର, ମିସ ସାଇନା ପ୍ରମୁଖ ଓଡ଼ିଆ। ଏଂ ହିନ୍ଦୀ ସଂଗୀତ ପରିବେଷଣ କରିବେ ପ୍ରସିଦ୍ଧ ନିର୍ଦ୍ଦେଶକ ଅଶୋକ ପତି ଙ୍କ ନୂଆ। ସିନେମା ଲଢେଇ ର ତାରକା ମାନେ ମଞ୍ଚରେ ନୃତ୍ୟ ଗୀତ ପରିବେଷଣ କରିବେପ୍ରସିଦ୍ଧ କଳାକାର ପୁଷ୍ପା ପଣ୍ଡା,କେ.କେ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହିବେ ଚଳଚ୍ଚିତ୍ର ମୋଟରସାଇକେଲ ପକ୍ଷରୁ ଉପସ୍ଥିତ ରହିବେ କୁନା ତ୍ରିପାଠୀ, ହିରୋ ଜ୍ୟୋତି ନାୟକ, ଅଭିନେତ୍ରୀ ଙ୍କ ସହିତ ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଏବଂ ପ୍ରେରଣା ପ୍ରତୀକ୍ଷା ।

## ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ କେନ୍ଦ୍ରାପଡା ଗସ୍ତ

କେନ୍ଦ୍ରାପଡ଼ା,୭।୧୨:(ମନ୍ଥନ)ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନିକାନ୍ତ ସାହୁ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ପୌରାହିତରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ଶ୍ରୀ ସାହୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଆଧାରରେ ରେସନ କାର୍ଡ ବଣ୍ଟନ ଉପରେ ଗୁରୁତ୍ୱ ଦେଇଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ ଦେବା ଏବଂ ଯୋଗ୍ୟ ହିତାଧିକାରୀ ଯେପରି ତାଲିକାରୁ ବାଦ ନ ପଡନ୍ତି ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ ଉପରେ ଖିଲାପ ନ କରିବାକୁ ମଧ୍ୟ ଅଧ୍ୟକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥିତି,ଆଶ୍ରମ ବିଦ୍ୟାଳୟ,ସ୍କୁଲ ଡ୍ରପ ଆଉଟ ଛାତ୍ରଛାତ୍ରୀ, ମଧ୍ୟାହ୍ନ ଭୋଜନ ସଂକ୍ରାନ୍ତରେ ଆଲୋଚନା ସମେତ ଛତୁଆ ପ୍ରସ୍ତୁତକାରୀ କେନ୍ଦ୍ର ଯାଞ୍ଚ ନିମନ୍ତେ ସ୍ୱତନ୍ତ୍ର ଟିମ ଗଠନ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ନବକ୍ରିଷ୍ଣ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ବେଷାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୃତଦେହକୁ କାନ୍ଧରେ ବୋହିଲେ ପୂର୍ବତନ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ

ଯୋଡ଼ା,୭।୧୨:(ମନ୍ଥନ)କେନ୍ଦୁଝର ଜିଲ୍ଲାର ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ନିକଟରେ ଗତ ଶୁକ୍ରବାର ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଥିଲା ।ଏକ ମୋଟରସାଇକେଲ୍ ଓ ଟ୍ରଲର ମଧ୍ୟରେ ହୋଇଥିବା ଧକ୍କାରେ ଘଟଣାସ୍ଥଳର ଦୃଶ୍ୟ ମର୍ମବିଦାରକ ଥିଲା । ଖବର ପାଇ ଯୋଡ଼ା ପୁଲିସ ଦଳ ତୁରନ୍ତ ସ୍ଥଳକୁ ଯାଇ ପହଞ୍ଚିଥିଲା । ସବୁ ଚର୍ଚ୍ଚା ମଧ୍ୟରେ ଯେଉଁ ଦୃଶ୍ୟ ସମସ୍ତ ହୃଦୟକୁ ସ୍ପର୍ଶ କରିବାକୁ ସକ୍ଷମ ହେଲା, ସେହି ହେଉଛି - ଯୋଡ଼ା ଥାନାର ପୂର୍ବତନ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ , ଏ.ଏସ.ଆଇ ଅମିତାଭ ସାହୁ ଏବଂ କନେଷ୍ଟବଳ କିଶୋର କୁମାର ଗିରୀ ଙ୍କ ମାନବତାମୂଳକ ସାହସ । ସ୍ଥାନୀୟ ଭିଡ଼ ଥିବା ସତ୍ତ୍ୱେ କୌଣସି ସହଯୋଗ ନ ମିଳିବାରୁ, ଅଧିକାରୀ ମାନେ ସ୍ୱୟଂ ମୃତଦେହକୁ କାନ୍ଧରେ ବୋହି ଆମ୍ବୁଲାନ୍ସ କୁ ପଠାଇଥିବା ଘଟଣା ଲୋକମାନଙ୍କ ମନକୁ ଗଭୀର ଭାବରେ ଛୁଇଁଯାଇଛି । ଘଟଣାସ୍ଥଳରେ ପହଞ୍ଚିଥିବା ମୃତକଙ୍କ ପରିବାର ସଦସ୍ୟମାନେ ଭାବବ୍ୟାକୁଳ ହୋଇପଡ଼ିଥିଲେ ।ଅନେକେ ପୁଲିସକର୍ମୀଙ୍କ ଏହି ଅପୂର୍ବୀୟ ମାନବତାମୂଳକ ସେବାକୁ ଦେଖି କୃତଜ୍ଞତା ପ୍ରକାଶ କରିଛନ୍ତି। ଆଜିର ଯୁଗରେ ଯେଉଁଠାରେ ମୃତଦେହକୁ ଛୁଇଁବାକୁ ମଧ୍ୟ ଲୋକ ପଛ ଘୁଞ୍ଚା ଦିଅନ୍ତି, ସେଠାରେ ପୁଲିସ ଅଧିକାରୀ ନିଜ କର୍ତ୍ତବ୍ୟକୁ ମାନବତା ସହିତ କରି ଲୋକଙ୍କ ଆଖିକୁ



ଝଲସାଇଦେଇଛନ୍ତି ।ଏହା ପ୍ରଥମ ଦିନ ନୁହେଁ-ପୂର୍ବରୁ ମଧ୍ୟ ଯୋଡ଼ା ଡି.ଏ.ଭି ସ୍କୁଲ ନିକଟରେ ଦୁଇମୋଟରସାଇକେଲ୍ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସମୟରେ ତତ୍କାଳୀନ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସ୍ୱୟଂ ଘଟଣାସ୍ଥଳକୁ ଦୌଡ଼ି, କାନ୍ଧରେ ମୃତଦେହ ବୋହି ମେଡିକାଲକୁ ପଠାଇଥିଲେ ।ସେତେବେଳେ ତାଙ୍କ ତୁରନ୍ତ ପଦକ୍ଷେପରେ ୨ ଜଣଙ୍କ ଜୀବନ ବଞ୍ଚିଯାଇଥିଲା। ପୁଲିସ ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ଏହି ମାନବତାମୂଳକ ଉଦାହରଣ ସମାଜିକ ମାଧମସବୁରେ ପ୍ରଶଂସାର ପ୍ରବାହ ସୃଷ୍ଟି କରିଦେଇଛିୟ ଅନେକ ନାଗରିକ କହୁଛନ୍ତି-ପୁଲିସ ବର୍ଦ୍ଦି ମାତ୍ର ଶୃଙ୍ଖଳା ଓ ଆଇନର ଚିହ୍ନ ନୁହେଁ, ଯେତେବେଳେ ମାନବତାର ପ୍ରୟୋଜନ ହୋଇଥାଏ, ସେହି ବର୍ଦ୍ଦି ମାନବତାର ଭାର ବହିବାକୁ ମଧ୍ୟ ଅଗ୍ରସର ହୋଇଥାଏ । ଲୋକମାନେ ଏହି ଘଟଣା ଶୁଣି ପୁଲିସ ପ୍ରତି ନୂଆ। ଆସ୍ଥା, ନୂଆ। ସମ୍ମାନ ଏବଂ ନୂଆ। ଆଶା ବ୍ୟକ୍ତ କରୁଛନ୍ତି । ଅନେକ ଲୋକଙ୍କ ଭାବନା -ଯଦି ପ୍ରତ୍ୟେକ ଅଧିକାରୀ ଏଭଳି ମାନବତାର ଆଦର୍ଶ ଅନୁସରଣ କରନ୍ତି, ତେବେ ସମାଜରେ ପୁଲିସ-ଜନତା ସମ୍ପର୍କ ଅଧିକ ଦୃଢ଼ ହୋଇଯିବ ।

## ସହୀଦ ଜୟୀ ରାଜଗୁରୁଙ୍କ ୨୨୦ତମ ମହାପ୍ରୟାଣ ଦିବସ ପାଳିତ

ପୁରୀ,୬।୧୨:(ମନ୍ଥନ)ସହୀଦ ଜୟୀ ରାଜଗୁରୁ ସ୍ୱାଧୀନତା ଆନ୍ଦୋଳନର ଏକ ସ୍ୱର୍ଦ୍ଧିତ ନାମୟସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀର୍ତ୍ୱର ପ୍ରତୀକ ଥିଲେ ସେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁ ଙ୍କ ପ୍ରତିମୂର୍ତ୍ତି ରେ ୨୨୦ ତମ ମହାପ୍ରୟାଣ ତିଥିରେ ସହୀଦ ଙ୍କ ମହାପ୍ରୟାଣ ଦିବସ ଅବସରରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ନିକଟସ୍ଥ ପୁଷ୍କରିଣୀ ରେ ସହୀଦ ଙ୍କ ଉଦ୍ଦେଶ୍ୟ ରେ ତିଳତର୍ପଣ କରାଯାଇଥିଲା । ସହୀଦ ଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣ ପୁର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋପୀନାଥ ଦେବସ୍ଥାନ ସମିତି ଓ ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓଡିଶା ଙ୍କ ମିଳିତ ସହଯୋଗ ରେ ଆୟୋଜିତ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ସଦର ବିଡ଼ିଓ ସମ୍ମିତ ଶତପଥୀ ଜୟୀ ରାଜଗୁରୁ ଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜୟୀ ରାଜଗୁରୁ ଜଣେ ଦୃଢ଼ମନା,ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଆଜିର ଯୁବ ପିଢ଼ି ତାଙ୍କ ବିଷୟରେ ପଢିବା, ତାଙ୍କ ଚରିତ୍ର ଓ ଆଦର୍ଶ କୁ ଅନୁସରଣ କଲେ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ। ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁ ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସହୀଦ ଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦ ର ସହଯୋଗ ରେ ଜୟୀ ରାଜଗୁରୁ ଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# 'ନାଆମି' ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

୭।୧୨:(ମନ୍ଥନ)ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କ୍ୟାଲେଣ୍ଡର ଅନୁସାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ 'ନାଆମି' ମହାବିଦ୍ୟାଳୟ, ମଞ୍ଜୁରିରୋଡ୍, ଭଣ୍ଡାରିପୋଖରୀ, ଭଦ୍ରକ ଠାରେ ମାନ୍ୟବର ସର୍ବୋଚ୍ଚତମ ନ୍ୟାୟଳୟଙ୍କର ନ୍ୟାୟ ବିଚାର କୃତ୍ରିମ ଜ୍ଞାନ କୌଶଳ ଏବଂ ବିଚାର ହେଉଥିବା ମାମଲା ଗୁଡ଼ିକର ଆଞ୍ଚଳିକ ଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ କିପରି ସହଜରେ ପ୍ରହଞ୍ଚି ପାରିବ ଏବଂ ଓଡ଼ିଶା ଉଚ୍ଚନ୍ୟାୟଳୟଙ୍କର ଆଇନ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ୍ ଓ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୂର୍ଣ୍ୟ ଶ୍ଳୋକରଥ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ ମଧ୍ୟସ୍ଥତା ହେଉଛି ଏପରି ଏକ ପ୍ରକ୍ରିୟା ଯାହାଦ୍ୱାରା ବହୁତ୍ ଅହସହାୟ ଲୋକ ସୁବିଧାରେ ଓ ସହଜରେ ସେମାନଙ୍କର



ମାମଲାର ସମାଧାନ କରିପାରିବେ ତଥା ଆସନ୍ତା ୧୩ ତାରିଖ ଦ୍ୱିତୀୟ ଶନିବାର ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ନିମିତ୍ତ ଗରିବ ତଥା ନିଷ୍ପେସିତ ଲୋକମାନେ ସେମାନଙ୍କର ବହୁବର୍ଷ ଧରି ଚାଲିଥିବା ମାମାଲା ଗୁଡ଼ିକର ଶୀଘ୍ର ବିଚାର ପାଇଁ ଏହି ଲୋକ ଅଦାଲତରେ ସୁଯୋଗର ସଦ୍ ଉପଯୋଗ କରନ୍ତୁ। ଅତିଥି ମାନଙ୍କ ମଧ୍ୟରେ ସହାୟକ ଏଲ୍.ଏ.ଡିସ୍.ଏସ୍. ଡଃ ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ, ଭଦ୍ରକ, ଶ୍ରୀ ତ୍ରିଲୋଚନ ସେଠୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଧାମନଗର, ଭଦ୍ରକ, ଡଃ ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷ, ଡଃ ଅଜୟ କୁମାର ପ୍ରଧାନ, ଡଃ ଆଶୋକ କୁମାର ଦାସ ପ୍ରମୁଖ ଅଧ୍ୟାପକ ତଥା ଅଧ୍ୟାପିକା ନାଆମି, ମହାବିଦ୍ୟାଳୟ, ଭଦ୍ରକ ତଥା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରଟିକୁ ସଫଳ ରୂପାୟନ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ।

# ଜାତୀୟ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା

ଯାଜପୁର,୭।୧୨:(ମନ୍ଥନ) ଯାଜପୁର ପୌରପାଳିକା ଦେବୀଦ୍ୱାରସ୍ଥିତ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଦିବ୍ୟାଂଶୁ ସାହୁଙ୍କୁ ଆଜି ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅରୁଣାଞ୍ଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରେ ଗତ ୨୬/୧୧ ରୁ ୦୨/୧୨ ମଧ୍ୟରେ ଅନୁଷ୍ଠିତ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା -୨୦୨୫-୨୬ରେ ବାଳକ ବିଭାଗର ତାଇକ୍ୱୋଣ୍ଡୋ କ୍ରୀଡ଼ାରେ ଅଂଶଗ୍ରହଣ କରି ସେ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ଫେରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ନିରାଡମ୍ବର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିରୂପେ ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିରମୋହନ ଟୁଡୁ, ମୁଖ୍ୟ ବକ୍ତାରୂପେ ବିଶିଷ୍ଟ ଶିକ୍ଷାବିତ ଡ଼ଃ ଅକ୍ଷୟ କୁମାର ପଣ୍ଡା ଓ ସମ୍ମାନିତ ଅତିଥିରୂପେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଅଜୟ କୁମାର ଦାସ ଯୋଗଦେଇ କ୍ରୀଡ଼ାକ୍ଷେତ୍ରରେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଏବଂ ବିଦ୍ୟାଳୟ ତରଫରୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ମଞ୍ଚାସିନ ଉପରୋକ୍ତ ଅତିଥିବୃନ୍ଦ ଉଭୟ ଜିଲ୍ଲା କ୍ରୀଡ଼ା ବିଭାଗ ଓ ବିଦ୍ୟାଳୟ ତରପରୁ ଦିବ୍ୟାଂଶୁଙ୍କୁ ପ୍ରୋତ୍ସାହନ ନିମନ୍ତେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ର ଦିବ୍ୟାଂଶୁ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦେବାଶିଷ ମହାନ୍ତି ଓ ଛାତ୍ରଙ୍କ ପିତା ସଂଜୟ କୁମାର ସାହୁ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଉମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କର, ଗୌତମ ବେହେରା, ସୁଶାନ୍ତ ସେନାପତି, ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ରେଖାରାଣୀ ମଲ୍ଲିକ, ବିଜୟଲକ୍ଷ୍ମୀ ପରିଡ଼ା, ସସ୍ମିତା ସେଠୀ, ମନସ୍ମିତା ଭଦ୍ର ଓ ଶିକ୍ଷାକର୍ମୀ ଧର୍ମେନ୍ଦ୍ର ମହରଣା ସହଯୋଗ କରିଥିଲେ। ଶିକ୍ଷକ ଅମୀୟ କୁମାର ସ୍ୱଇଁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ସମିର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟରେ ବ୍ୟାଗଲେସ ଡେ ପାଳନ

କେନ୍ଦ୍ରାପଡ଼ା,୭।୧୨:(ମନ୍ଥନ)ପିଏମଶ୍ରୀ କୋରୋ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ବ୍ୟାଗଲେସ୍ ଡେ ପାଳନ ହେଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏଇ ଦିବସରେ ମୁଖ୍ୟଅତିଥି ଭାବରେ କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ମଦନମୋହନ କର, ମୁଖ୍ୟବକ୍ତା କବି ଅମର ପ୍ରସାଦ ରାଉତ,ସମ୍ମାନିତ ଅତିଥି ଭାବରେ ଯୁବ ସାମ୍ବାଦିକ ମଳୟ ରଞ୍ଜନ ସାହୁ, କୋରୋ ରାଜସ୍ୱ ନିରୀକ୍ଷକ ରୁଚିକା ମହାନ୍ତି, ଶିକ୍ଷାବିତ ହରିହର ସିଂହ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ମଧୁସ୍ମିତା ନାୟକ ପ୍ରମୁଖ ଯୋଗଦେଇ ବ୍ୟାଗଲେସ ଡେ ବିଷୟରେ ଆଲୋଚନା କରିଥିଲେ। ପିଏମଶ୍ରୀ ବିଦ୍ୟାଳୟର ପିଲାମାନେ ଶ୍ରେଣୀଗୃହ ଭିତରେ ଆବଦ୍ଧ ନହେଇ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ସହିତ ଜଡିତ ହେଇ ରହିପାରିଲେ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ସାଧିତ ହେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




ବିଦ୍ୟାଳୟର ବରିଷ୍ଠ କଳା ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ପରିଡା ଓ ତୃପ୍ତିରେଖା ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବିନା ବ୍ୟାଗରେ ବିଦ୍ୟାଳୟକୁ ଆସି ଶ୍ରେଣୀ ଗୃହ ବାହାରେ ସ୍ୱପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ହସ୍ତକଳା, ଚିତ୍ରକଳା, ନୃତ୍ୟକଳା, ବର୍ଜ୍ୟ ପ୍ଲାଷ୍ଟିକରୁ ଘରକରଣା ଜିନିଷ ପ୍ରଦର୍ଶନ ସହ ବିଭିନ୍ନ ସୁସ୍ୱାଦୁକର ଖାଦ୍ୟମେଳାର ପରିବେଶ ମଧ୍ୟ ସୃଷ୍ଟି କରିଥିଲେ।ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷିକା ମୋନାଲିସା ବେହୁରା,ଦିପ୍ତିମୟୀ ମୁଦୁଲି, ତପନ କୁମାର ସ୍ୱାଇଁ, ତୃପ୍ତିରେଖା ପରିଡା, ସାବିତ୍ରୀ ବିଶ୍ୱାଳ, ପୁଷ୍ପମିତ୍ରା ଦ୍ୱିବେଦୀ, ଚିତ୍ରସେନ ମାଝୀ, ରଘୁନାଥ ବେହେରା, କଳ୍ପନା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ହିମାଂଶୁ ଭୂଷଣ ପଣ୍ଡା, ସୁରେଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଆର ପାରିରେ ବିଶିଷ୍ଟ ଶ୍ରମିକ ନେତା ଦୋଳଗୋବିନ୍ଦ ଦାସ

ପାରାଦୀପ,୭।୧୨:(ମନ୍ଥନ)ଆରପାରିରେ ପାରାଦୀପ ଅଞ୍ଚଳର ବାର୍ଷିଆନ ଶ୍ରମିକନେତା ଦୋଳଗୋବିନ୍ଦ ଦାସ ।ଶରୀର ଅସୁସ୍ଥତା କାରଣରୁ ପରିବାର ଲୋକେ କଟକ ନେଇ ଯାଉଥିବା ସମୟରେ ପରଲୋକ ଗମନ କରିଥିବା ନେଇ ପରିବାର ସୂତ୍ରରୁ ସୂଚନା ମିଳିଥିବା ବେଳେ ସ୍ୱର୍ଗତ ଦୋଳଗୋବିନ୍ଦ ଦାସଙ୍କ ବିୟୋଗରେ ପାରାଦୀପ ର ବିଭିନ୍ନ ମହଲରେ ଶୋକର ଛାୟା ଦେଖିବାକୁ ମିଳିଛି ।ପାରାଦୀପ ବନ୍ଦର ଆରମ୍ଭରୁ ସର୍ବପ୍ରଥମ ଶ୍ରମିକ ନେତା ଭାବରେ ଶ୍ରମିକ ମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଦୋଳଗୋବିନ୍ଦ ଦାସ ।ଜଣେ ମିଷ୍ଟଭାଷୀ, ଅମାୟିକ ଓ ଦରଦୀ ମଣିଷ ଭାବରେ ଜଣାଶୁଣା ସ୍ୱର୍ଗତ ଦୋଳଗୋବିନ୍ଦ ଦାସ କେବଳ ଶ୍ରମିକନେତା ଭାବରେ ନୁହେଁ ପାରାଦୀପ ବିଶ୍ୱହିନ୍ଦୁ ପାରିଷଦ ର ସଭାପତି ରହିଥିବା ବେଳେ ଜଣେ କଳାକାର ଭାବରେ ମଧ୍ୟ ତାଙ୍କର ପାରାଦୀପ ଅଞ୍ଚଳରେ ସୁଖ୍ୟାତି ଅର୍ଜନ କରିଥିଲେ । ଏହି ବର୍ଷିଆନ ଶ୍ରମିକ ନେତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ତାଙ୍କର ନୂଆବଜାର ସ୍ଥିତ ବାସଭବନ ରେ ଶୁଭେଚ୍ଛୁଙ୍କ ଭିଡ ଲାଗିଥିଲା । ପାରାଦୀପ ଅଞ୍ଚଳ ର ବିଭିନ୍ନ ଶ୍ରମିକ ସଂଗଠନ ର ଶ୍ରମିକନେତା, ଦଳଗତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର କର୍ମୀ ଓ ନେତା ଙ୍କ ସହିତ ବୁଦ୍ଧିଜୀବୀ ଓ ବିଭିନ୍ନ ଶିଳ୍ପସଂସ୍ଥା ରେ କାର୍ଯ୍ୟରତ ଶ୍ରମିକମାନେ ତାଙ୍କ ବାସଭବନ ରେ ପହଞ୍ଚି ସ୍ୱର୍ଗତ ଦାସଙ୍କ ଶେଷଦର୍ଶନ କରିଥିଲେ ।ସ୍ୱର୍ଗତ ଦୋଳଗୋବିନ୍ଦ ଦାସଙ୍କ ମରଶରୀର କୁ ଶୋଭାଯାତ୍ରା ରେ ପାରାଦୀପ ଅଞ୍ଚଳ ପରିକ୍ରମା କରିବା ସହିତ ସ୍ୱର୍ଗଦ୍ୱାର ରେ ଅନ୍ତିମ ସଂସ୍କାର କରାଯିବା ନେଇ ପରିବାର ତରଫରୁ ସୂଚନା ମିଳିଛି ।

# ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ

ଜଗତସିଂହପୁର,୭।୧୨:(ମନ୍ଥନ)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକର ଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭୀମରାଓ ରାମଜୀ ଆମ୍ବେଦକର ୧୪ ଏପ୍ରିଲ ୧୮୯୧ ରେ ଜନ୍ମଗ୍ରହଣ କରିଥିଲେ ଏବଂ ୬ ଡିସେମ୍ବର ୧୯୫୬ ଇହଲୀଳା ସମ୍ବରଣ କରିଥିଲେ। ସେ ଏକାଧାରରେ ଜଣେ ଭାରତୀୟ ଆଇନଜୀବୀ, ଅର୍ଥନୀତିଜ୍ଞ, ସମାଜ ସଂସ୍କାରକ ଏବଂ ରାଜନୈତିକ ନେତା ଥିଲେ ଯିଏ ସମ୍ବିଧାନ ସଭା ବିତର୍କରୁ ଭାରତର ସମ୍ବିଧାନ ପ୍ରସ୍ତୁତ କରୁଥିବା କମିଟିର ନେତୃତ୍ୱ ନେଇଥିଲେୟ ଜବାହରଲାଲ ନେହେରୁଙ୍କ ପ୍ରଥମ କ୍ୟାବିନେଟରେ ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।ଆଜି ତାଙ୍କର ପବିତ୍ର ତିରୋଧାନ ତିଥି ରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି , ପୌର ପରିଷଦ କର୍ମକର୍ତ୍ତା ଶ୍ରୀଯୁକ୍ତ ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମା ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ରୋଗର ଜ୍ୱାଳା ସହିନପାରି ମହିଳାଙ୍କ ଆତ୍ମହତ୍ୟା

କାକଟପୁର,୭।୧୨:(ମନ୍ଥନ)କାକଟପୁର ଥାନା ଅଧିନସ୍ଥ କଣ୍ଟାପଡା ପଞ୍ଚାୟତ କାଣ୍ଡିସାହି ଗ୍ରାମର ସର୍ବେଶ୍ୱର କାଣ୍ଡି ଙ୍କ ଧର୍ମପତ୍ନୀ କୌଶଲ୍ୟା କାଣ୍ଡି ଶୁକ୍ରବାର ରାତି ୮ ଘଟିକା ସମୟରେ ନିଜ ଘର ଫ୍ୟାନ ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପରିବାର ଲୋକେ କହିବା ଅନୁଯାଇ ସର୍ବେଶ୍ୱର ଏବଂ କୌଶଲ୍ୟା ଙ୍କ ମଧ୍ୟରେ କୌଣସି ପାରିବାରିକ ବିବାଦ କିମ୍ବା ବିବାଦ କେବେ ଘଟିନାହିଁ । ତେବେ କିଛି ଦିନ ହେଲା କୌଶଲ୍ୟା ଟିବି ରୋଗରେ ପୀଡିତ ହୋଇ ଚିକିତ୍ସା ହୋଇଆସୁଥିଲେ । ଶୁକ୍ରବାର ସନ୍ଧ୍ୟାରେ ସ୍ୱାମୀ ଏବଂ ପୁତ୍ର ସୋସାଇଟି ରେ କ୍ଷୀର ଦେବାକୁ ଯାଇଥିବା ଜାଣି ଘରେ କେହି ନଥିବାର ସୁଯୋଗ ନେଇ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଖବର ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ରମେଶ ଚନ୍ଦ୍ର ନିଶଙ୍କ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୧୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁରହିଛି ।

## ଏଚଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର,୭।୧୨:(ମନ୍ଥନ)ଜଳେଶ୍ୱର ଏଚ.ଡି.ଏଫ୍. ସି ବ୍ୟାଙ୍କ୍ ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଦେଉଳି ପଞ୍ଚଘଣ୍ଟା ବ୍ରାଞ୍ଚ ପରିସରରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ସମ୍ବାଦ ଆମ ଓଡ଼ିଶା ସହଯୋଗରେ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଓ ବ୍ରାଞ୍ଚ ମ୍ୟାନେଜର ବିନୟ ଗୁପ୍ତା ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ରକ୍ତଦାତା ସଂଘର ଉପସଭାପତି ସୁବ୍ରତ କୁମାର ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ଶାଶ୍ୱତୀ ଉପାଧ୍ୟାୟ ଓ.ବ୍ୟାଙ୍କର ସହକାରୀ ପରିଚାଳକ ଗୋପାଳ ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ମ୍ୟାନେଜର ରଶ୍ମିରେଖା ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ବ୍ୟାଙ୍କର ପ୍ରତୀକ୍ଷା ମହାନ୍ତି, ବ୍ୟାଙ୍କ କର୍ମଚାରୀ ସୁନିଲ କୁମାର ମଣ୍ଡଳ, ସୌମ୍ୟା ଶତାବ୍ଦୀ ଦାସ, ଜଗନ୍ନାଥ ଜ୍ୟୋତି, ସୌମ୍ୟକାନ୍ତ ସାହୁ, ଉତ୍ତର ବାଲେଶ୍ୱର ସମ୍ବାଦ ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ଆମ ଓଡ଼ିଶା ସଂଯୋଜକ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିବା ବ୍ୟାଙ୍କ୍ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୭।୧୨:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାଳୟା ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମନୋବିଜ୍ଞାନ ପ୍ରାଧ୍ୟାପକ ମୁରଲୀଧର ରଥ, ଶିକ୍ଷକ ନାରାୟଣ ସ୍ୱାଇଁ, ସମାଜସେବୀ ନଗେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଜୀବନରେ ଶିକ୍ଷା ଗ୍ରହଣ ସହିତ କ୍ରୀଡାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରଥମରୁ ଦାଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସମ୍ପାଦକ ରାଜଗୋପାଳ ମହାନ୍ତି ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ବେହୁରା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ। ଅଭିଭାବିକା ଓ ଗୁରୁମାମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟୁଜିକ ଚେୟାର ପ୍ରତିଯୋଗିତା ବିଶେଷ ଆକର୍ଷଣୀୟ ହୋଇଥିଲା।



## ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା,୭।୧୨:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ଶନିବାର ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜନଶୁଣାଣି,ସରକାରୀ ଜମି ସୁରକ୍ଷା, ଅଙ୍ଗନୱାଡ଼ି ଏବଂ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା, ବାତ୍ୟା ଆଶ୍ରୟ ସ୍ଥଳ ମରାମତି, ଭାଗବତ ଟୁଙ୍ଗି, ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ, ଶ୍ରମିକ ପଞ୍ଜିକରଣ, ଶୀତଳ ଭଣ୍ଡାର, ପ୍ୟାକ୍ସରେ ମଣ୍ଡୀ ପାଇଁ ଜମି ଏବଂ ବିଭାଗ ବିଭାଗ ମଧ୍ୟରେ ଥିବା ଅନ୍ୟାନ୍ୟ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ସଂକ୍ରାନ୍ତରେ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅମୀୟ କେତେନ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସମେତ ଯୋଜନା, ଶ୍ରମ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ, ମତ୍ସ୍ୟ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍ ବିଭାଗର ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ବିଡ଼ିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧ ମୃତ ୩ ଗୁରୁତର

କାକଟପୁର,୭।୧୨:(ମନ୍ଥନ)ପୁରୀଜିଲ୍ଲା କାକଟପୁର ନୂତନ ବସଷ୍ଟାଣ୍ଡ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ମୃତ୍ୟୁ ବରଣ କରିଥିବାବେଳେ ୩ ଜଣ ଗୁରୁତର ହୋଇ ଭୁବନେଶ୍ୱର ର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଘଟଣା ଅନୁଯାଇ କାକଟପୁର ବସଷ୍ଟାଣ୍ଡ ନିକଟରେ ବଲରାରୁ କାକଟପୁର ଏବଂ କାକଟପୁର ରୁ ବଲରା ଯାଉଥିବା ଦୁଇଟି ବାଇକ, ଗୋଟିଏ ପଲସର ବାଇକ OD13Y ୪୫୫୪ ଏବଂ ଅନ୍ୟଟି ଗ୍ଲାମର ବାଇକ ନମ୍ବର OD23ବି ୦୪୩୪ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେବା ସହିତ ୪ ଜଣ ବାଇକି ଆରୋହୀ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ । ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ମାନେ ଘଟଣା ସ୍ଥଳରେ ପହଂଚି କାକଟପୁର ଥାନାକୁ ଖବର ଦେବାପରେ ପୋଲିସ ପହଂଚି ଯୁବକ ମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭଣ୍ଡାଘର ଗ୍ରାମର ଜିଲାନି ଖାଁ ଙ୍କ ପୁଅ ସ୍ରାକ ଖାଁ ଓରଫ ସେରୁ ବୟସ ୨୯ ଙ୍କର ମୃତ୍ୟୁ ଘଟିଥିଲା । ତେବେ ଅନ୍ୟ ୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ । ସେ ଏବେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବାବେଳେ ଚିକିତ୍ସା ଜାରି ରହିଛି । ଉକ୍ତ ୩ ଜଣ ଯୁବକ କଣ୍ଟାପଡା ପଞ୍ଚାୟତ ର ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ କେଶ ନମ୍ବର ୩୫୪/୨୫ ରେ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଇନସପେକ୍ଟର ଗୌରୀଶଙ୍କର ସେଠୀ ପ୍ରକାଶ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା,୭।୧୨:(ମନ୍ଥନ)ଜିଲ୍ଲା ପୋଲିସ ମୂଖ୍ୟାଳୟ ରିଜର୍ଭ ପୋଲିସ ପଡିଆରେ ଶନିବାର ୬୩ତମ ରାଜ୍ୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମିଳିତ ପ୍ୟାରେଡର ନେତୃତ୍ୱ ନେଇଥିଲେ ଗୃହରକ୍ଷୀ ବନବିହାରୀ ନାୟକ। ପ୍ରଥମେ ୧୯୪୨ ମସିହାରେ ବମ୍ବେ ଠାରେ ସାମ୍ପ୍ରଦାୟିକ ଦଙ୍ଗାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପୋଲିସ ବାହିନୀ ନଥିବାରୁ ସେତେବେଳେ ପୋଲିସ ସଂସ୍ଥାକୁ ସାହାଯ୍ୟ କରିବାକୁ ଗୃହରକ୍ଷୀ ବାହିନୀ ଗଠନ କରାଯାଇଥିବା ବେଳେ ପୁନଶ୍ଚ ୧୯୬୨ ମସିହା ଡିସେମ୍ବର ୬ତାରିଖରେ ଚୀନ ଭାରତ ଉପରେ ଆକ୍ରମଣ କରିବା ସମୟରେ ଗୃହରକ୍ଷୀ ସଂସ୍ଥାକୁ ସାରାଦେଶରେ ମାନ୍ୟତା ମିଳିବା ସହିତ ପୋଲିସ ପଛକୁ ନିଷ୍କାମ ସେବାରେ ମହାନ ବ୍ରତ ନେଇ ଏକ ସହାୟକ ସଂସ୍ଥା ଭାବରେ ସାମିଲ କରାଯାଇଥିଲା ବୋଲି ଏସ.ପି. ଶ୍ରୀ କଟାରିଆ ବକ୍ତବ୍ୟ ରଖିଥିଲେ। ତେଣୁ ସେହିଦିନ ଠାରୁ ସାରା ଭାରତବର୍ଷରେ ଡିସେମ୍ବର ୬ ତାରିଖକୁ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଇଆସୁଅଛି। ଗୃହରକ୍ଷୀମାନେ ନିଷ୍ଠାର ସହିତ ସେବା ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆରକ୍ଷୀ ଅଧିକ୍ଷକ ଶ୍ରୀ କଟାରିଆ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ,କେନ୍ଦ୍ରାପଡା ଏସ.ଡି.ପି.ଓ.ଜ୍ୟୋତିରଞ୍ଜନ ଗୌଡା, ଉପ ଆରକ୍ଷୀ ଅଧିକ୍ଷକ ସରୋଜ କୁମାର ସାହୁ, ରିଜର୍ଭ ଇନିସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଇନସପେକ୍ଟର(ଆର୍ମସ)ଅକ୍ଷୟ କୁମାର ଘଡେଇ, ଟାଉନଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ମୁଖ୍ୟ ସତର୍କତା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଓଡିଆ ଅଧିକାରୀ ଅବନୀକାନ୍ତ ପରିଡା

ପାରାଦୀପ,୭।୧୨:(ମନ୍ଥନ)ପାରାଦୀପ ବନ୍ଦରରେ ମୁଖ୍ୟ ସତର୍କତା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସର୍ବଭାରତୀୟ ରେଳବାଇ କାର୍ମିକ ସେବା ଅଧିକାରୀ ଅବନୀକାନ୍ତ ପରିଡା। ଓଡିଶାର ଜଗତସିଂହପୁର ଜିଲ୍ଲାରେ ଜନ୍ମିତ ଶ୍ରୀ ପରିଡା ୧୯୮୨ ମସିହାରେଜନ୍ମଗ୍ରହଣ କରିଥିଲେ। ୨୦୧୧ ମସିହା ବ୍ୟାଚ୍‌ର ଆଇଆରପିଏସ୍ ଅଧିକାରୀ ଶ୍ରୀ ପରିଡା ଟି.ଏସ.ଚାଣକ୍ୟ (ମୁମ୍ବାଇ ବିଶ୍ୱବିଦ୍ୟାଳୟ)ରୁ ନଟିକାଲ ସାଇନ୍ସରେ ଶିକ୍ଷା ଲାଭ କରିଥିଲେ। ଏବଂ ବାଣିଜ୍ୟ ନୌସେନା ଅଧିକାରୀ ଭାବେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ୧୮ ବର୍ଷର ସେବା ସମୟରେ ମର୍ଚ୍ଚାଣ୍ଟ ନୌସେନାରେ ୪ବର୍ଷ ଏବଂ ରେଳ୍ ମନ୍ତ୍ରଣାଳୟରେ ପ୍ରାୟ ୧୪ ବର୍ଷ ଭାରତୀୟ ରେଳସେବାରେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ଭାରତୀୟ ରେଳବାଇରେ ତାଙ୍କର ଉଜ୍ଜ୍ୱଳମୟ କ୍ୟାରିୟରରେ ଶ୍ରୀ ପରିଡା ଖୋର୍ଦ୍ଧା ଡିଭିଜନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି। ପାରାଦୀପ ବନ୍ଦରରେ ଯୋଗ ଦେବା ପୂର୍ବରୁ ସେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ସାମୁଦ୍ରିକ କାର୍ଯ୍ୟ ବିଶେଷ କରି ଜାହାଜ ଚଳାଚଳ, ମାନବ ସମ୍ବଳ, ଶୃଙ୍ଖଳାଗତ କାର୍ଯ୍ୟ ଇତ୍ୟାଦିରେ ସମୃଦ୍ଧ ଅଭିଜ୍ଞତା ରହିଛି। ସେ ବିଭିନ୍ନ ସରକାରୀ/ ବେସରକାରୀ ସଂସ୍ଥାରେ ଅତିଥି ଅଧ୍ୟାପକ ଭାବେ ଯୋଗ ଦେଇ ଶୃଙ୍ଖଳାଗର କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରିଛନ୍ତି।

## ପାରାଦୀପ ବନ୍ଦରର ନୂତନ ସଚୀବ ଭାବେ ଦାୟିତ୍ୱ ଗ୍ରହଣ କଲେ କ୍ରିଷ୍ଣା ବାପିରାଜୁ ଗଣପତି ରାଜୁ

ପାରାଦୀପ,୭।୧୨:(ମନ୍ଥନ)ପାରାଦୀପ ବନ୍ଦର ସଚୀବ ୟୁ. ଆର୍. ମୋହନ ରାଜୁଙ୍କ ଅବସର ପରେ କେନ୍ଦ୍ର ସରକାର କ୍ରିଷ୍ଣା ବାପିରାଜୁ ଗଣପତି ରାଜୁ ପାରାଦୀପ ବନ୍ଦରର ନୂତନ ସଚୀବ ଭାବେ ନିଯୁକ୍ତି ଦେଇଥିଲେ। ଏହା ପରେ ଶ୍ରୀ ରାଜୁ ପାରାଦୀପ ବନ୍ଦର ପ୍ରଶାସନିକ ଭାବନରେ ପହଂଚି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନଦାଙ୍କୁ ସାକ୍ଷାତ କରିବା ପରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ୨୦୧୭ ମସିହାରେ ପାରାଦୀପ ବନ୍ଦର ଉପମୁଖ୍ୟ ସଚୀବ (ଆଇନ୍) ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ କେନ୍ଦ୍ର ସରକାର ତାଙ୍କୁ ମଧ୍ୟ ଭି ଚିଦାମ୍ବରନ୍ ପୋର୍ଟର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ। ଯାହାକି ଏହି କ୍ୟାଡରରେ ଦୁଇଗୋଟି ବନ୍ଦର ପାଇଁ ଏକକାଳୀନ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରିବା ପ୍ରମୁଖ ବନ୍ଦରମାନଙ୍କ କ୍ଷେତ୍ରରେ ଏକମାତ୍ର ଅଧୁକାରୀ ଭାବେ ଇତିହାସ ରଚିଥିଲେ। ଏହା ପରେ ନ୍ୟୁ ମାଙ୍ଗାଲୋର ବନ୍ଦରରେ ବରିଷ୍ଠ ଉପସଚୀବ ଭାବେ ପଦୋନ୍ନତି ପାଇଥିଲେ। ଆନ୍ଧ୍ର ପ୍ରଦେଶରେ ଜନ୍ମିତ ଶ୍ରୀ ରାଜୁ ୧୯୯୫ ମସିହାରେ ସେଠାରେ ଓକିଲାତି ଆରମ୍ଭ କରିଥିଲେ। ୮ବର୍ଷ ଓକିଲାତି କରିବା ପରେ ୨୦୦୩ ମସହିାରେ ବିଶାଖାପାଟଣା ସହରାଂଚଳ ବିକାଶ ପ୍ରାଧିକରଣରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ବୈଧାନିକ ସଂସ୍ଥାରେ ଆଇନ ଅଧିକାରୀ ଭବାେ ମନୋନୀତ ହୋଇଥିଲେ। ୨୦୦୯ ମସହିାରେ ଭି ଚିଦାମ୍ବରନ୍ ପୋର୍ଟର ଆଇନ ଅଧିକାରୀ ଭାବେ ସେ କାର୍ଯ୍ୟ କରିଛନ୍ତି। ଏହା ପରେ ସେ ବରିଷ୍ଠ ଆଇନ ଅଧିକାରୀ ଭାବେ ପଦୋନ୍ନତି ପାଇଥିଲେ। ଶ୍ରୀ ରାଜୁ ଜଣେ ବିଚକ୍ଷଣ ଅଧିକାରୀ ଭାବେ ଅନେକ ସମସ୍ୟାରେ ସମାଧାନ କରିବାର ଦକ୍ଷତା ହାସଲ କରିଛନ୍ତି।

# ଚୋରାମଦ ବ୍ୟବସାୟର ପେଣ୍ଠସ୍ଥଳୀ ବୟାଳିଶମୌଜା

ଫୁଲନଖରା,୭।୧୨:(ମନ୍ଥନ) ବୟାଳିଶମୌଜାର ୬ଗୋଟି ପଂଚାୟତରେ ଏବେ ବେଧଡକ ଚାଲିଛି ମଦ ଓ ଗଂଜେଇ ବିକ୍ରୀ। ଛୋଟ ଛୋଟ ପାନଦୋକାନ ଠାରୁ ଆରମ୍ଭ କରି ନିଛାଟିଆ ଜାଗା ଗୁଡିକ ବ୍ୟବସାୟୀର ପେଣ୍ଠସ୍ଥଳୀ ପାଲଟିଛି। ପୁଲିସ ଡିସିପି ଙ୍କ କାର୍ଯ୍ୟାଳୟ ତଥା ଅବକାରୀ ବିଭାଗ ଠାରୁ ମାତ୍ର ୧୦ କିମି ଦୂରରେ ଥିବା ୪୨ମୌଜାରେ ବେଧଡକ ଚୋରା ମଦ କାରାବାର ଚାଲିଥିବା ବେଳେ ବିଭାଗ ନିଘୋଡ ନିଦ୍ରାରେ ଶୋଇବା ସାଧାରଣ ଜନତାଙ୍କର ଚିନ୍ତା ବଢାଇଛି। ଅଭିଯୋଗ ଅନୁଯାୟୀ, ବୟାଳିଶମୌଜାର ପ୍ରତ୍ୟେକ ଗ୍ରାମରେ ଥିବା ଛୋଟଛୋଟ ପାନଦୋକାନ ଏବେ ମଦ କାଉଂଟର ପାଲଟିଛି। ଗଳିକନ୍ଦିରେ ଚୋରାରେ ମିଳୁଛି ବିଦେଶୀ ମଦ ଠାରୁ ଆରମ୍ଭ କରି ଦେଶି ପୋଚ ପର୍ଯ୍ୟନ୍ତ। ଗୋଟିଏ ପଟେ ନୂତନ ସରକାର ମଦ ଚୋରା କାରାବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଂଟା ଭିଡିଥିବାବେଳେ ୪୨ମୌଜାରେ ଖୁଲମଖୁଲା ଏହି ନିୟମକୁ ଉଲଂଘନ କରାଯାଉଛି। କଟକ ସହର ଠାରୁ ମାତ୍ର ୭ କି.ମି ଦୂରରେ ଥିବା ୪୨ମୌଜାରେ ଚାଲିଥିବା ଏହି ଚୋରା ମଦ ବିକ୍ରୀର ଖବର ଅବକାରୀ ବିଭାଗ ନିକଟରେ ନାହିଁ। ଚୋରା ମଦ ବ୍ୟବସାୟୀ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକାରେ ଏହି ବ୍ୟବସାୟ ଏବେ ଅଧିକ ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବି ଅଭିଯୋଗ କରିଛନ୍ତି। "ଚେଇଁ ଶୋଇଥିବ ଯିଏ ତାକୁ ନିଦରୁ ଉଠାଇବ କିଏ" ନ୍ୟାୟରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଅବକାରୀ ବିଭାଗର ନୀରବତା ବିଭାଗୀୟ ସଙ୍କୋଚତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନ୍ୟପଟେ ଚୋରାମଦ ବ୍ୟବସାୟ ବଢିବା ଦ୍ୱାରା ଚୋରି,ଡକାୟତି,ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ସଂଧ୍ୟା ଆରମ୍ଭ ହେଲାମାତ୍ରେ ନଦୀବନ୍ଧ ରାସ୍ତା ଆରମ୍ଭ କରି ବିଭିନ୍ନ ଖେଳପଡିଆରେ ଆରମ୍ଭ ହୋଇଯାଉଛି ମଦରଆସର। ଅବକାରୀ ବିଭାଗ ତରଫରୁ ସମୟ ବ୍ୟବଧାନରେ ଚଢାଉ କରାଯାଇ ଚୋରା ମଦ ଜବତ କରାଯାଉଥିଲା। ମାତ୍ର ୪୨ମୌଜାରେ ଗତ ୫ବର୍ଷ ଭିତରେ ଅବକାରୀ ବିଭାଗର ସେଭଳି ଆଖିଦୃଷ୍ଟିଆ ଚଢାଉ ଦେଖିବାକୁ ମିଳିନାହିଁ। ବୟାଳିଶମୌଜା ଥାନା ତରଫରୁ ବିଭିନ୍ନ ସମୟରେ ଚଢାଉ କରାଯାଉଥିଲେ ମଧ୍ୟ ଯେଉଁ କେତେକଙ୍କୁ ଗିରଫ କରାଯାଉଛି ସେମାନେ କିଛି ଦିନ ପରେ ଜାମିନ ରେ ଆସି ପୂର୍ବବତ୍ ନିଜ ବ୍ୟବସାୟ ଜାରି ରଖୁଛନ୍ତି। ଗତ କିଛି ଦିନ ତଳେ ଘାଟକୂଳ-ଝିଙ୍କିରିଆ ସେତୁ ନିକଟରେ ଦେଶି ମଦ ରନ୍ଧା ହେଉଥିବା ବେଳେ ବୟାଳିଶମୌଜା ଥାନା ଚଢାଉ କରି ପ୍ରସ୍ତୁତ ସାମଗ୍ରୀ ସହିତ ମଦକୁ ଜବତ କରିଥିଲା ମାତ୍ର ଏହା ସମୁଦ୍ରକୁ ଶଙ୍ଖେ ଭଳି। ୨୦୨୪ ମସିହାରେ ବୟାଳିଶମୌଜା ଥାନା ତରଫରୁ ୬୯ଟି ଚୋରା ମଦ ମାମଲା ପଂଜୀକୃତ ହୋଇଥିଲା। ବିଶେଷକରି କଳପଡା, ଝିଙ୍କିରିଆ, ଦଧିବାମନପୁର, ବେଂଟକାର,ଗୋବିନ୍ଦପୁର,ରାଉତରାପୁର ଇତ୍ୟାଦି ଗ୍ରାମରେ ଛୋଟ ଛୋଟ ପାନ ଦୋକାନରେ ଗଂଜେଇ ବୁଦ୍ଧିଜୀବୀ ମହଲରୁ ଦାବି କରାଯାଇଛି।

## ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ

ପିପିଲି,୭।୧୨:(ମନ୍ଥନ)ପିପିଲିସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲ ପରିସରରେ ବାର୍ଷିକୀ ଉତ୍ସବ ଉଦଘାଟନ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ସିମିତା ତ୍ରିପାଠୀଙ୍କ ଅଧକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି, ମୁଖ୍ୟବକ୍ତା ଭାବେ ସୋମନାଥ ଦେବ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ଼ଃ ସୁକାନ୍ତି ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବହି ଜ୍ଞାନ ସହିତ ବାହ୍ୟ ଜ୍ଞାନ ଉପରେ ଗୁରୁତ୍ୱ ଦେଇ କ୍ରୀଡା ନାଚ ଆଦି ରେ ମଧ୍ୟ ଆଗ୍ରହୀ ହେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଙ୍କିତା ଶର୍ମା ଏଂ ଶିକ୍ଷାବିତ (ଗ୍ଲୋବାଲ ଶିକ୍ଷାନୁଷ୍ଠାନ) ଦେବବ୍ରତ ମିଶ୍ର ଯୋଗଦେଇ ପୂର୍ବରୁ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ଅତିଥି ମାନେ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ



ଅଜୟ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷା ଆଭାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ର ମୁଖପତ୍ର ଉଦଘାଟନ ହୋଇଥିଲା।

## ବୃହତ୍‌ଧରଣ ଆପାତକାଳୀନ ଅଫସାଇଟ୍ ମକ୍ ଡ୍ରିଲ୍

ପାରାଦୀପ,୭।୧୨:(ମନ୍ଥନ)ପାରାଦୀପସ୍ଥିତ କନକଡ୍ ଇଫକୋ ରେଳ ଲୋଡିଙ୍ଗ ରାସ୍ତାରେଶନିବାର ଦିନ ବୃହତଧରଣ ଆପାତକାଳୀନ ଅଫସାଇଟ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ସହଯୋଗରେ ପିପିଏଲ୍ ସହିତ ମିଳିତ ସହଭାଗିତାରେ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବ୍ରୟଲର ନିର୍ଦ୍ଦେଶାବଳୀ ସହିତ ଏହି ଅଫସାଇଟ ମକଡ୍ରିଲ ଆୟୋଜିତ ହୋଇଥିଲା। ରାସ୍ତାରେ ଆମୋନିଆ ବୋଝେଇ ଟ୍ୟାଙ୍କରରୁ ଆମୋନିଆ ଲିକେଜ୍ ହେଲେ ଏହାକୁ କିପରି ପ୍ରଶମନ କରାଯାଇପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା। ଏହି ଅଫସାଇଟ ମକଡ୍ରିଲକୁ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଡିଡିଏଫ ଆଣ୍ଡବି ମନୋଜ କୁମାର ପଣ୍ଡା, ଏଡିଏଫ ଆଣ୍ଡବି ଚନ୍ଦ୍ର ଶେଖର ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଦକ୍ଷଣ କରିଥିଲେ।

# ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ

ଯାଜପୁର,୭।୧୨:(ମନ୍ଥନ) ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ ଗୃହରେ ବିଶ୍ୱ ମୃତିକା ଦିବସ-୨୦୨୫ ପାଳିତ ହୋଇଛି। ଏଥିରେ ଚାଷୀ ଭାଇଭଉଣୀମାନଙ୍କୁ ମୃତିକା ପରୀକ୍ଷା ଏବଂ ମୃତିକାର ଗୁଣବତା ବଜାୟ ରଖିବା ପାଇଁ ଧାରଣୀୟ ପରିଚାଳନାର ଆବଶ୍ୟକତା ବିଷୟରେ ସଚେତନ କରାଯାଇଛି। ମୃତିକା ସଂରକ୍ଷଣର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ୨୦୧୪ ମସିହାଠାରୁ ପ୍ରତିବର୍ଷ ବିଶ୍ୱ ମୃତିକା ଦିବସ ପାଳିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର ଚଳିତ ବର୍ଷର ଥିମ୍ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତିକା' ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସବୁଜ ବିପ୍ଳବ ପରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା କିଭଳି କ୍ରମଶଃ ମୃତିକା ନଷ୍ଟ ହୋଇଥିଲା, ସେ ସମ୍ପର୍କରେ ଆଲୋଚନା କରିବା ସହ ବର୍ତମାନ ସମୟରେ ମାଟିର ଉର୍ବରତାକୁ ଫେରାଇବା ପାଇଁ ଭାରତ ସରକାର ଅର୍ଗାନିକ ଫାର୍ମିଂ ବା ଜୈବିକ କୃଷି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ା ମାଟି ପ୍ରଦୂଷିତ ହେବା ଦ୍ୱାରା ଦେଖା ଯାଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ପାରମ୍ପରିକ ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ଉଦ୍ୟାନ କୃଷି ଅଧିକାରୀ ଜିଆ ଖତ ତଥା ବିଭାଗୀୟ ଯୋଜନା ସମ୍ବନ୍ଧରେ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ମାଛ ଚାଷରେ ମୃତିକା ପରୀକ୍ଷାର ଆବଶ୍ୟକତା ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ। ବୈଷୟିକ ବିଭାଗରେ ମୃତିକା ରସାୟବିତ ମୀରା ପରିଛା ମୃତିକା ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା, ନମୁନା ସଂଗ୍ରହ , ପରୀକ୍ଷା, ମୃତିକା ସ୍ୱାସ୍ଥ୍ୟ କାର୍ଡ ର ଉପଯୋଗୀତା ତଥା ସମନ୍ୱିତ ଖାଦ୍ୟସାର ପରିଚାଳନା ସମ୍ବନ୍ଧରେ ଅବଗତ ଚାଷୀମାନଙ୍କୁ କରାଇଥିଲେ। ଏଥିରେ ମୋଟ ୫୦ ଜଣ ଚାଷୀ ଭାଇ ଭଉଣୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଆଦି ଉପସ୍ଥିତ ଥିଲେ। ଏଥିରେ ଉପ ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ମନୋଜ କୁମାର ରାଉତ ସଭା ପରିଚାଳନା କରିଥିଲେ।ଦିବସ ପାଳନ ଅବସରରେ ୨୦ ଜଣ ଚାଷୀ ଭାଇ ଭଉଣୀ ଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା।

## ଶ୍ରୀ ଜଗନ୍ନାଥ କଳା ବିକାଶ କେନ୍ଦ୍ରର ସଭାପତିଙ୍କ ବିୟୋଗରେ ଶୋକ

ଯାଜପୁର,୭।୧୨:(ମନ୍ଥନ) ଯାଜପୁର ସ୍ଥିତ ପ୍ରାଚୀନ ତମ ସଂଗୀତ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ କଳାବିକାଶ କେନ୍ଦ୍ରର ସଭାପତି ତଥା ଯାଜପୁର ବାର ଆସୋସିଏସନ୍‌ର ବରିଷ୍ଠ ଓକିଲ, ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲା ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ପରଲୋକରେ ଆଜି କଳା ବିକାଶ କେନ୍ଦ୍ରର ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା ସଭା କରାଯିବା ସହିତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନାଟ୍ୟକାର ସଂଗୀତଜ୍ଞ ପ୍ରଫେସର ରାଧାରମଣ ଦାସ, ଅନୁଷ୍ଠାନର ସମ୍ପାଦକ ତପନ କୁମାର ସାହୁ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଇଂ ଶ୍ରୀଧର ରାଉତରାୟ, ବିଶିଷ୍ଟ କଣ୍ଠଶିଳ୍ପୀ ପୃଥ୍ୱୀରାଜ ପଣ୍ଡା, ଲଳିତ କିଶୋର ନାୟକ, କୈଳାସ ଗୋଛାୟତ, ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ କେନ୍ଦ୍ରର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ବିଡିଓ ଏବଂ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ତାଗିଦ୍

ଯାଜପୁର,୭।୧୨:(ମନ୍ଥନ) ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ତହସିଲର ଅଧିକାରୀମାନେ ଉପରିସ୍ଥ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ନେଇ ହେଡକ୍ୱାର୍ଟରରେ ଅନୁପସ୍ଥିତ ରହିବା ନେଇ ଅଭିଯୋଗ ଆସିବା ପରେ ଜିଲ୍ଲାପାଳ କ୍ଷୁବ୍ଧ ହୋଇ ନୋଟିସ ଜାରି କରିଛନ୍ତି। ଏଣିକି କୌଣସି ବିଡିଓ ଏବଂ ତହସିଲଦାର ଛୁଟି ଦରଖାସ୍ତ ଦାଖଲ ନକରି ବିନା ଅନୁମତିରେ ଅନୁପସ୍ଥିତ ରହିପାରିବେ ନାହିଁ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅଫିସରେ ଅନୁପସ୍ଥିତ ରୁହନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାର କିଛି ବିଡ଼ିଓ ଏବଂ ତହସିଲଦାର ଛୁଟି ଦରଖାସ୍ତ ନଦେଇ ହେଡକ୍ୱାର୍ଟର ଛାଡ଼ିବା ଘଟଣା ସାମ୍ନାକୁ ଆସିଥିଲା। ଯାହା ଫଳରେ ସରକାରୀ କାମରେ ବାଧା ଉପୁଜିବା ସହ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ସମସ୍ୟା ଜଣାଇବା ପାଇଁ ଆସୁଥିବା ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୟାନୁସାରେ କୌଣସି କାମ ହୋଇପାରୁନାହିଁ। ଏନେଇ ଜିଲ୍ଲାପାଳଙ୍କ ନିକଟକୁ ଅନେକ ଅଭିଯୋଗ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ କହିଛନ୍ତି ଯେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ପ୍ରଶାସନ ସର୍ବଦା ତତ୍ପର ରହିଛି। ତେଣୁ କାର୍ଯ୍ୟକ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ତାଗିଦ୍ କରିଛନ୍ତି। ଏହି କଡ଼ା ନିର୍ଦ୍ଦେଶ ପାଇବା ପରେ ଅଧିକାରୀମାନେ ବ୍ୟବସ୍ଥା ଭିତରେ ରହି ନିୟମାନୁସାରେ ଦାୟିତ୍ୱ ତୁଲାଇବେ ବୋଲି ଆଶା କରାଯାଉଛି।

## ଦୀନବନ୍ଧୁ ପାତ୍ରଙ୍କ ପ୍ରଥମଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ

ମାହାଙ୍ଗା,୭।୧୨:(ମନ୍ଥନ)ମାହାଙ୍ଗା ବ୍ଲକ ପୋଡାମରାଇ ପଂଚାୟତ ଅଧିନସ୍ଥ ସିନ୍ଧୁପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ସରପଂଚ ସ୍ୱର୍ଗତ ଦୀନବନ୍ଧୁ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ,ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମରଣିକା ଲୋକାର୍ପଣ ଉତ୍ସବ ଦୀନବନ୍ଧୁପାତ୍ର ସ୍ମୃତିସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂସଦର ସଭାପତି ତଥା ପ୍ରଫେସର ଡଃ. ଯୁଧିଷ୍ଠିର ଖଟୁଆ ପୌରହିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦୀନବନ୍ଧୁ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ରାମଚଣ୍ଡୀ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଭାପତି ଶାରଦା ପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଡଃ. ବିଜୟାନନ୍ଦ ସିଂହ, ଡଃ. ଗୋବିନ୍ଦ ଭୂୟାଁ, ସମାଜସେବୀ ଦେବେନ୍ଦ୍ର କୁମାର ସାହୁ, ଗବେଷକ ଡଃ. ଏକାଦଶୀ ପ୍ରଧାନ, ରାଜକିଶୋର ଜେନା,ତାରାପ୍ରସନ୍ନ ମହାପାତ୍ର, ବିଦ୍ୟୁଲତା ପ୍ରଧାନ, ହରିବନ୍ଧୁ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋପାତ କରିବା ସହ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ସମାଜରେ ନିଜ ନାମ ଟେକ ରଖିପାରିଥିଲେ ବୋଲି ମତ ବ୍ୟକ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ

ଯାଜପୁର,୭।୧୨:(ମନ୍ଥନ) ଜିଲ୍ଲାପାଳ ଅମ୍ବର କୁମାର କର ଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଡି ଏଫ ଓ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପନିର୍ଦ୍ଦେଶକ ମାଇନର ମିନେରାଲସ, ତହସିଲଦାର, ଆଂଚଳିକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନିଆଯାଇଥିବା ନିଷ୍ପତି ଗୁଡ଼ିକ ହେଲା ୧. ଜିଲ୍ଲା ଟାସ୍କ ଫୋର୍ସ ଏବଂ ତହସିଲ ସ୍ତରୀୟ ଟାସ୍କ ଫୋର୍ସ, ଯେଉଁଥିରେ ଡିଏଫ୍ଓ ଏବଂ ଏସପି ଅନ୍ତର୍ଭୁକ୍ତ, ଆଜି ଏକତ୍ରିତ ହୋଇ ପ୍ରବର୍ତନକାରୀ ସଂସ୍ଥାମାନଙ୍କୁ ସମ୍ବେଦନଶୀଳ କରିବା ଏବଂ ଶୃଙ୍ଖଳା ତଥା ଚାହିଦା ଶିଖର ସମୟର ଆରମ୍ଭରେ ଯେତେବେଳେ ଲଘୁ ଖଣିଜ ଦ୍ରବ୍ୟର ଚାହିଦା ସର୍ବାଧିକ ହେବ ବେଆଇନ ଖଣିଜ ଉତୋଳନ/ଅତ୍ୟଧିକ ଖଣିଜ ଉତୋଳନକୁ ଯାଂଚ କରିବାର ଜରୁରୀତା ଉପରେ ଗୁରୁତ୍ୱ ଦେବା ପାଇଁ ଆହୂତ ହୋଇଥିଲା। ୨.ପ୍ରବର୍ତନ କରିବା ପାଇଁ ବର୍ତମାନ ଅଧିକାରୀଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି। ଓଏମ୍ଏମ୍‌ସି ନିୟମର ୧୬ ର ଧାରା ୫୧ ବର୍ତମାନ ସରକାରଙ୍କ ଦ୍ୱାରା ସଂଶୋଧନ ହୋଇ ଗେଜେଟ୍ ନଂ ୫୪୬୬, ତା ୨୮.୧୧.୨୦୨୫ ରିଖରେ ପ୍ରକାଶିତ ହୋଇଛି ବର୍ତମାନ ସବ୍-ଇନ୍ସପେକ୍ଟର ପାହ୍ୟା ଉପରର ସମସ୍ତ ପୋଲିସ ଅଧିକାରୀଙ୍କୁ, ଅତିରିକ୍ତ ତହସିଲଦାର ପାହ୍ୟା ଉପରର ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ଚୋରା ଚାଲାଣ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ଜବତ କରିବାର କ୍ଷମତା ସହିତ ଯାଂଚ ଓ ନିରୀକ୍ଷଣ କରିବାର କ୍ଷମତା ମିଳିଛି ସେହିପରି ରେଞ୍ଜ୍ ଅଫିସରଙ୍କ ପାହ୍ୟା ଉପରର ବନ ଅଧିକାରୀଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ରାଧିକାରରେ ସମାନ କ୍ଷମତା ଉପଲବ୍ଧ କରାଯାଇଛି। ୩. ପ୍ରବର୍ତନ ଏବଂ ଯାଂଚ ପାଇଁ ଉତର ଦାୟିତ୍ୱ :-ଜିଲ୍ଲା ପୁରୀୟ ଟାସ୍କ ଫୋର୍ସ ନିଷ୍ପତି ନେଇଛି ଯେ ବେଆଇନ ଖଣି ଖନନ, କ୍ଷୁଦ୍ର ଖଣିଜ ଦ୍ରବ୍ୟ ଚୋରି ଯାଂଚ କରିବାର ଉତରଦାୟିତ୍ୱ ତହସିଲ ସୁରୀୟ ଟାସ୍କ ଫୋର୍ସର ରହିବ ତହସିଲ ସ୍ତରୀୟ ଟାସ୍କ ଫୋର୍ସର ସଦସ୍ୟମାନେ ସେମାନଙ୍କ କ୍ଷେତ୍ରାକାର ମଧ୍ୟରେ ଡିଜିଟାଲ୍ ଏବଂ ସର୍ଭେ-ଆଧାରିତ ପଦ୍ଧତି ମାଧ୍ୟମରେ ପରବର୍ତୀ ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୋରି ପ୍ରମାଣିତ ହେଲେ ସେ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତରଦାୟୀ ହେବେ। ୪. ଗୋପନୀୟ ଓ ଅଚାଳକ ଚଢ଼ାଉ :- ଖଣି (ଲଘୁ ଖଣିଜ ଦ୍ରବ୍ୟ) ଉପ-ନିର୍ଦ୍ଦେଶକଙ୍କ ଅଧୀନରେ ଥିବା ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବିଭିନ୍ନ ଉତ୍ସରୁ ପ୍ରାପ୍ତ ସୂଚନା ଆଧାରରେ ଏବଂ ଜିଲ୍ଲା ଦ୍ୱାରା ବିଶେଷ ଭାବରେ ନିର୍ଦ୍ଦେଶିତ ହେଲେ ଗୋପନୀୟ ଏବଂ ଅଚାନକ ଚଢ଼ାଉ କରିବେ ନିୟମିତ ପ୍ରବର୍ତନ ପାଇଁ ତହସିଲ ସ୍ତରୀୟ ସ୍କ୍ୱାଡ୍ ଗଠନ ନିଶ୍ଚିତ କରିବାକୁ ଖଣି (କ୍ଷୁଦ୍ର ଖଣିଜ ଦ୍ରବ୍ୟ) ଉପ-ନିର୍ଦ୍ଦେଶକ ଉପ-ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ନୋଡାଲ୍ ଅଧିକାରୀ ଭାବରେ କାର୍ଯ୍ୟ କରିବେ ଏହିପରି ଚଢ଼ାଉ ପାଇଁ ପୋଲିସ ସହାୟତା ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଯାଜପୁରଙ୍କ ଦ୍ୱାରା ଅନୁରୋଧ କ୍ରମେ ଯୋଗାଇ ଦିଆଯିବ। ୫. ପ୍ରବର୍ତନର ନିୟମିତ ସମୀକ୍ଷା:- ଜିଲ୍ଲା ସୁରୀୟ ଟାସ୍କ ଫୋର୍ସ ଏବଂ ତହସିଲ ପୁରୀୟ ଟାସ୍କ ଫୋର୍ସ ମାସକ ମଧ୍ୟରେ ନିୟମିତ ବ୍ୟବଧାନରେ ବୈଠକ କରିବେ, ଯେଉଁଥିରେ ଚୋରି ଏବଂ ବେଆଇନ ଉତୋଳନ ଉପରେ ପ୍ରତ୍ୟେକ ମାମଲାର ତଥ୍ୟକୁ ସମୀକ୍ଷା କରାଯିବ। ୬. ଡ୍ରୋନ୍ ଏବଂ ଓରସାକ ସର୍ଭେକ୍ଷଣ :- କାର୍ଯ୍ୟକ୍ଷମ ଥିବା ଓ ନିଷ୍କ୍ରିୟ ଥିବା ଉଭୟ ଖଣି ପାଇଁ ଡ୍ରୋନ୍ ଏବଂ ଓରସାକ ଦ୍ୱାରା ସର୍ଭେକ୍ଷଣ ଯଥାଶୀଘ୍ର କରାଯିବ, ଯାହାଫଳରେ ଏକ ମାନକ (ବେଂଚମାର୍କ) ନିର୍ଦ୍ଧାରିତ ହେବ ଏବଂ ଜରୁରୀ ପରିସ୍ଥିତିରେ ସାଇଟ୍‌ର ସର୍ଭେ ପୂର୍ବର ଏବଂ ପରବର୍ତୀ ଉତୋଳନକୁ ସନ୍ଦର୍ଭିତ କରାଯାଇପାରିବ। ୭.କାର୍ଯ୍ୟାନୁଷ୍ଠାନ ଖଣି ଉପ-ନିର୍ଦ୍ଦେଶକ, (ଲଘୁ ଖଣିଜ ଦ୍ରବ୍ୟ) ଅବୈଜ୍ଞାନିକ ଖନନ ଥିବା ଖଣି ପାଇଁ କାର୍ଯ୍ୟାନୁଷ୍ଠାନ ଏବଂ ସତର୍କତା:- ଯେତେବେଳେ କୌଣସି ଖଣିରେ ଉତୋଳନ ଅନୁମତିପ୍ରାପ୍ତ ସୀମା ବାହାରକୁ ଚାଲିଯାଇଛି କିମ୍ବା ଅବୈଜ୍ଞାନିକ ଖନନ ହେତୁ ଖନନ ଯୋଜନା ବିପଦଜନକ ଭାବରେ ବିଚ୍ୟୁତ ହୋଇଛି, ସେତେବେଳେ ମିଳିତ କମିଟି ରିପୋର୍ଟ (ତା ୨୫.୦୭.୨୦୨୫ ରିଖ)ରେ ଦିଆଯାଇଥିବା ପରାମର୍ଶ ଅନୁଯାୟୀ କୌଣସି ଆସନ୍ନ ଦୁର୍ଘଟଣାକୁ ଏଡାଇବା ପାଇଁ ସେହି ଖଣିକୁ ବନ୍ଦ କରିବାକୁ ପଦକ୍ଷେପ ନିଆଯିବା ଉଚିତ୍। ୮.କାର୍ଯ୍ୟାନୁଷ୍ଠାନ ଖଣି ଉପ-ନିର୍ଦ୍ଦେଶକ, (ଲଘୁ ଖଣିଜ ଦ୍ରବ୍ୟ) ଇ-ଟ୍ରାଞ୍ଜିଟ୍ ପାସ୍‌ର ବ୍ୟବହାର:- ଖଣି ଉପ-ନିର୍ଦ୍ଦେଶକ, (ଲଘୁ ଖଣିଜ ଦ୍ରବ୍ୟ) ସୁନିଶ୍ଚିତ କରିବେ ଯେ ସମସ୍ତ କାର୍ଯ୍ୟକ୍ଷମ ଖଣି ବୈଧ ଇ-ଟିପି ଉତ୍ପନ୍ନ କରି ପରିବହନ କରନ୍ତୁ ଏହା ବେଆଇନ ପରିବହନକୁ ଯାଂଚ କରିବାରେ ସାହାଯ୍ୟ କରିବ। ୯. ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ କ୍ଷେତ୍ର ପରିଦର୍ଶନ :-ଚୋରି ଅଭିଯୋଗ ଏବଂ ଚାଲୁ ରହିଥିବା ବେଆଇନ ଉତୋଳନକୁ ଦୃଷ୍ଟିରେ ରଖି ନିଷ୍ପତି ନିଆଗଲା ଯେ ଜିଲ୍ଲାପାଳ, ଏସ୍‌ପି ଏବଂ ଡିଏଫଓ ଙ୍କ ସହିତ ଆ.ଓ., ଏପିସିବି ଏବଂ ଡିଏଲ୍‌ଟିଏଫ୍ ର ଅନ୍ୟ ସଦସ୍ୟମାନେ ପ୍ରସ୍ତାବିତ ଆଇଏସ୍‌ପିଆଁଏଲ୍ ସାଇଟ୍ ଏବଂ ଧର୍ମଶାଳା ତହସିଲର ଅନ୍ୟାନ୍ୟ ଦିଏସ୍‌ଙ୍କୁ କ୍ଲଷ୍ଟରକୁ ଏକ ଉପଯୁକ୍ତ ତାରିଖରେ ଯଥାଶୀଘ୍ର ମିଳିତ ପରିଦର୍ଶନରେ ଯିବେ।

## ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳିତ

ପାରାଦୀପ,୭।୧୨:(ମନ୍ଥନ)ଭାରତରତ୍ନ ଡ. ବି.ଆର୍.ଆମ୍ବେଦକରଙ୍କ ୬୯ତମ ମହାପରିର୍ନିବାଣ ଦିବସ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଆମ୍ବେଦକର ପାର୍କରେ ଅନୁଷ୍ଠିତ ସମାରୋହରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସମାଜରେ ସମାନତା, ଏକତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ଡ.ଆମ୍ବେଦକରଙ୍କ ଦାନ ଅତୁଳନୀୟ। ସାମାଜୀକ ସଶକ୍ତିକରଣରେ ତାଙ୍କର ଅବଦାନ ସବୁ ସମୟରେ ସମାଜରେ ଅନୁଭୂତ ହୋଇଥାଏ ବୋଲି ଅଧକ୍ଷ ଶ୍ରୀ ହରନାଦ କହିଥିଲେ। ଉପାଧକ୍ଷ ଟି.ଭେନୁ ଗୋପାଳ, ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ସଚୀବ କ୍ରିଷ୍ଣା ବାପିରାଜୁ ଗଣପତି ରାଜୁ, ସିଏମଇ ସୁଶୀଲ କୁମାର ନାହାକ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ପ୍ରମୁଖ ଯୋଗ ଦେଇ ଡ. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପାରାଦୀପ ବନ୍ଦର ଏସି ଓ ଏସଟି କର୍ମଚାରୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଗଙ୍ଗାଧର ସେଠୀ, ଧୂନଚନ୍ଦ୍ର ତରାଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଏସଆଇଆର ପାଇଁ ଜୀବନ ତୁଚ୍ଛ !

ଭୋଟର ତାଲିକା ଯାଂଚ ପାଇଁ ଏବେ ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଚାଲିଥିବା ସ୍ପେଶାଲ ଇଣ୍ଟେଂନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରୀୟାରେ ନିୟୋଜିତ ବୁଥସ୍ତରୀୟ ଅଫସର (ବିଏଲଓ)ମାନଙ୍କ ପାଇଁ କେବଳ ଆତଙ୍କର କାରଣ ହୋଇନାହିଁ, ସେମାନଙ୍କର ଜୀବନ ତୁଚ୍ଛ ହୋଇପଡିଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ମିଳିଥିବା ସୂଚନା ଅନୁଯାୟୀ କାମର ଚାପ ଓ ତାଗିଦ ପାଇଁ ପଶ୍ଚିମବଙ୍ଗରେ ୧୨ଜଣ ଏବଂ ଉତରପ୍ରଦେଶରେ ୯ଜଣ ବିଏଲଓ ଜୀବନ ହାରିଥିବା ବେଳେ ୪୦ଜଣ ଆତ୍ମହତ୍ୟା କରିଥିବା ଅଭିଯୋଗ ହୁଏ। ଭୋଟର ତାଲିକା ଅପଡେଟ୍ (ସଂଶୋଧନ) କରିବା କାର୍ଯ୍ୟରେ ନିୟୋଜିତ ବିଏଲଓ, ଯେଉଁମାନେ କି ଶିକ୍ଷକ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସରିବା ଚାପ ଯୋଗୁଁ ପଦସ୍ଥ ଅଫିସର ଓ ନିର୍ବାଚନ କମିଶନଙ୍କ ଦ୍ୱାରା ଭର୍ତ୍ସିତ, ଅପଦସ୍ଥ ହେବା ପୂର୍ବରୁ ମାନସିକ ଭାରସାମ୍ୟ ହରାଇ ଶେଷରେ ଜୀବନକୁ ତୁଚ୍ଛ କରି ଆତ୍ମହତ୍ୟା କରିବା ପାଇଁ ଚରମପନ୍ଥା ବାଛି ନେଇଥିବା କୁହାଯାଇପାରେ। ଦିନକୁ ଦିନ ଦେଶର ବିଭିନ୍ନ ରାଜ୍ୟରେ ବିଏଲଓମାନଙ୍କ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିରୋଧି ଦଳମାନଙ୍କର ଦାବି, ଉଦ୍‌ବେଗ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବିଏଲଓମାନଙ୍କ ପ୍ରାପ୍ୟ ବୃଦ୍ଧି ସହ ଆଉ ୭ଦିନ ସମୟ ବୃଦ୍ଧି କରିଥିବା ସତ୍ତ୍ୱେ ଆତ୍ମହତ୍ୟା ଘଟଣା ଥମିବାରେ ନାଁ ଧରୁ ନାହିଁ କିମ୍ବା ପରିସ୍ଥିତିରେ ସୁଧାର ପାଇଁ ସହାୟକ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ଶେଷ ହୋଇଥିବା ଏସଆଇଆରକୁ ନେଇ ବିରୋଧି ଦଳର ତୀବ୍ର ବିରୋଧ କାହାରିକୁ ଅଛପା ନାହିଁ। ସେହିପରି ନିଜକୁ ଭାରତର ଭୋଟର ପ୍ରମାଣିତ କରିବା ପାଇଁ ନିର୍ବାଚନ କମିଶନ ଆଧାର, ଭୋଟର ପରିଚୟ ପତ୍ର ଓ ରେସନ କାର୍ଡକୁ ବାଦ୍ ଦେଇ ରଖିଥିବା ୧୩ଟି ଦସ୍ତାବିଜ୍‌କୁ ନେଇ ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।। ଅବଶ୍ୟ ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ଯୋଗୁଁ ଶେଷରେ ନିର୍ବାଚନ କମିଶନ ଆଧାର'କୁ ପରିଚୟ ପତ୍ର ଭାବେ ଗ୍ରହଣ କରିଛନ୍ତି। ଏହା ସତ୍ତ୍ୱେ ଭୋଟଦାତା ନିଜକୁ ନାଗରିକ ଭାବେ ପ୍ରମାଣିତ କରିବାକୁ ନାକେଦମ୍ ହେବାକୁ ପଡୁଥିବା ଜଣାଯାଏ। କେବଳ ଏତିକି ନୁହେଁ, ଏସଆଇଆରକୁ ଅଣବିଜେପି ଶାସିତ ରାଜ୍ୟସରକାରମାନେ ଦୃଢ ବିରୋଧ କରିଥିବାବେଳେ ପାର୍ଲିଆମେଂଟର ତିନି ଦିନ ଧରି ସଂସଦ ଅଚଳ ହେବା ପରେ ଶେଷରେ ସରକାର ଆଲୋଚନା କରିବା ପାଇଁ ରାଜି ହୋଇଛନ୍ତି। ଆସନ୍ତା ୯ତାରିଖ ଦିନ ଏସଆଇଆର ଉପରେ ସ୍ୱତନ୍ତ୍ର ଆଲୋଚନା ପାର୍ଲିଆମେଂଟରେ ହେବ, ଯାହାକି ଏକ ସ୍ୱାଗତଯୋଗ୍ୟ ନିଷ୍ପତି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ନିର୍ବାଚନ ପ୍ରକ୍ରୀୟାରେ ସ୍ୱଚ୍ଛତା ପାଇଁ ଭୋଟର ତାଲିକା ଅପଡେଟ୍ ଏବଂ ଯାଂଚ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରୀୟା କିନ୍ତୁ ଏହା ଅତ୍ୟନ୍ତ ଜରୁରୀ ଯେ, ଭୋଟଦାତା ବିରୋଧି ରାଜନୈତିକ ଦଳ ଏବଂ ଏପରିକି ଭୋଟର ତାଲିକାର ସ୍ୱତନ୍ତ୍ର ଯାଂଚ ତଥା ଏସଆଇରର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଉଦ୍‌ବେଗ ପ୍ରତି ନିର୍ବାଚନ କମିଶନ ଅଗ୍ରାଧିକାର ଭିତିରେ ଧ୍ୟାନ ଦେବା ସହ ସମସ୍ତ ପ୍ରକ୍ରୀୟାକୁ ଖୋଲା ରଖିବା ଜରୁରୀ। ଉଲ୍ଲେଖଯୋଗ୍ୟ ଯେ, ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଗତ ଜୁନ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ଏସଆଇଆର ସମୟକୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଥିବାବେଳେ ବିରୋଧ ଦଳଗୁଡିକ ମଧ୍ୟ ତୀବ୍ର ବିରୋଧ କରିଥିଲେ। ଏସଆଇଆର ପାଇଁ କମିଶନ ଗ୍ରହଣ କରିଥିବା ୧୩ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ଉପସ୍ଥାପିତ କରିବାକୁ ଲୋକକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଗ୍ରାଉଣ୍ଡରୁ ଜଣାପଡିଥିବାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯାଂଚ ପ୍ରକ୍ରୀୟ ଶେଷ କରିବାକୁ ନିର୍ବାଚନ କମିଶନଙ୍କ ଚେତାବନୀ ବିଏଲଓମାନଙ୍କୁ ମରଣ ମୁହଁକୁ ଠେଲି ଦେଇଛି। ଯାହାର ପରିଣତି ହେଉଛି, ବିଏଲଓମାନଙ୍କ ଘଟଣା ବୃଦ୍ଧି ପାଇବା ଦେଶରେ ନାଗରିକଙ୍କ ପଂଜୀକରଣ କରିବା ନ୍ୟାଶନାଲ ସିଟିଜନ୍ ଅଫ୍ ରେଜିଷ୍ଟାର(ଏନଆରସି)ଙ୍କ କାର୍ଯ୍ୟ। କିନ୍ତୁ ନିର୍ବାଚନ କମିଶନଙ୍କ ଭୋଟର ତାଲିକା ଯାଂଚ ପାଇଁ ଏସଆଇଆର ପ୍ରକ୍ରିୟା ନାଗରିକତ୍ୱ ପ୍ରମାଣ ପାଇଁ ଏନଆରସିର ଏକ ପଛଦ୍ୱାର ଖୋଲି ଦେଇଥିବା ପଥ ସଦୃଶ ହୋଇଛି। ଯାହାକି ନିର୍ବାଚନ କମିଶନଙ୍କ କାର୍ଯ୍ୟ ନୁହେଁ।

# ଅବିସ୍ମରଣୀୟ ଶିକ୍ଷକ ଓ ସଂଗଠକ ବିନାୟକ ଆଚାର୍ଯ୍ୟ ଏକ ଦୃଷ୍ଟିପାତ

### କୈଳାସ ଚନ୍ଦ୍ର ଦାଶ

୧୯୫୦ ଦଶକରେ ଶିକ୍ଷକ ବିନାୟକ ପ୍ରତ୍ୟେକ୍ଷ ରାଜନୀତିରେ ଯୋଗ ଦେଇଥିଲେ ୧୯୫୨ ମସିହାରେ ସାମ୍ୟବାଦର ଚିନ୍ତାଧାରାର ସାରଥି ଭାବରେ ଗଞ୍ଜାମର ନେତୃତ୍ୱ ନେଇଥିଲେ ସ୍ୱର୍ଗତଃ ବିଜୟ ଚନ୍ଦ୍ର ଦାସ ସେଥିରେ ଶଶିଭୂଷଣ ପତି, ରାମକୃଷ୍ଣ ବେହେରା ଓ ବ୍ରହ୍ମାନନ୍ଦ ପଣ୍ଡାଙ୍କ ପରି ବିନାୟକ ଆଚାର୍ଯ୍ୟ ଅଂଶ ଗ୍ରହଣ କରିଥିଲେ ଭାରତରେ ସ୍ୱାଧିନତା ପରବର୍ତ୍ତୀ କାଳରେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏହି ନିର୍ବାଚନରେ ଓଡିଶା ବିଧାନ ସଭା ନିମନ୍ତେ ଗଞ୍ଜାମ ଜିଲ୍ଲାକୁ ୧୨ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଥିଲା। ତନ୍ମଧ୍ୟରୁ ୩ଗୋଟି ନିର୍ବାଚନ ମଣ୍ଡଳୀ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରୂପେ ସ୍ଥିର ହୋଇଥିଲା ବ୍ରହ୍ମପୁର ସେଥି ମଧ୍ୟରୁ ଅନ୍ୟତମ କିନ୍ତୁ ନିର୍ବାଚନ ପରେ ମକଦ୍ଦମା ହୋଇ ଏହା ଅସିଦ୍ଧ ଘୋଷିତ ହେବା ପରେ ବ୍ରହ୍ମପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀରେ ୧୯୫୩ରେ ପୁଣି ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦବୀ ଛାଡି ଏହି ଉପ ନିର୍ବାଚନରେ ସାମ୍ୟବାଦୀ ଦଳର ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କଲେ ନିଆଁଖୁଣ୍ଟା ପତ୍ରିକାର ସେପ୍ଟେମ୍ବର ୧୯୫୩ ସଂଖ୍ୟାରେ ଡାମରାକାଉରେ ଡାମରାକାଉ କବିତାରେ ଏହି ନିର୍ବାଚନକୁ ବ୍ୟଙ୍ଗ କରାଯାଇ କୁହାଯାଇଥିଲା-

ତେଣୁ ମୁଁ କହୁଛି ଯିବୁତୁ ଉଡି
ଡେଇଁ ବାଲେଶ୍ୱର, କଟକ, ପୁରୀ
ପାରି ନହେବୁତୁ ଗଞ୍ଜାମ ଜିଲ୍ଲା
ଶୁଣିବୁ ଲାଗିଛି ବିଷମ ବାଲା
ପାନ-ବୃନ୍ଦାବନ ମୋହନ ଦଳ
ନବ ବଳେ ବଳୀୟାନ ପ୍ରବଳ
ଧରି ରାଧାନାଥ ପଦ-ଯୁଗଳ
କହୁଛନ୍ତି ନାଥ ! ନାୟକ କର
ବୁଡି ଯାଉଥିବା ଡଙ୍ଗାରେ ବସି
ଯେଉଁ ଡଙ୍ଗା ନାଁ ଦାସ ଶ୍ରୀ ବିଶି-
ପାରି ହେବା ପାଇଁ ଭୋଟ ସାଗର
ଜାଳୁଛନ୍ତି ବସି ଆଶା-ଜାଗର
ପାଖେ ବିନାୟକ, ପାଖେ ଶ୍ରୀରାମ
ସମର ଲାଗିଛି ଅତି ବିଷମ

ଆଚାର୍ଯ୍ୟ ଏହି ନିର୍ବାଚନରେ କିନ୍ତୁ ପରାସ୍ତ ହୋଇଗଲେ ବୃନ୍ଦାବନ ନାୟକ କଂଗ୍ରେସ ପ୍ରାର୍ଥୀ ୧୪୬୯୪ ଭୋଟ ପାଇ ବିଜୟ ଲାଭ କରିଥିଲେ ବିନାୟକ ଆଚାର୍ଯ୍ୟ ୧୦୪୬୮ ଭୋଟ ପାଇ ପରାସ୍ତ ହୋଇଗଲେ (ଚୌଧୁରୀ ବିଷ୍ଣୁଚରଣ, "ବିନାୟକ ଆଚାର୍ଯ୍ୟ:ଏକ ବହୁମୁଖୀ ବ୍ୟକ୍ତିତ୍ୱ, ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ମାଳା, ୨୦୦୫, ବିନାୟକ ଆଚାର୍ଯ୍ୟ କଲେଜ, ବ୍ରହ୍ମପୁର) ଉପ ନିର୍ବାଚନରେ ପରାଜିତ ହେଲେ ସତ, ବିନାୟକ ବାବୁ ଏହି ପ୍ରତିଦ୍ୱନ୍ଦ୍ୱିତାରେ ସମଗ୍ର ଗଞ୍ଜାମ ଜିଲ୍ଲାରେ ଅଭୁତପୂର୍ବ ଜନ ଜାଗରଣ ସୃଷ୍ଟି କରିଥିଲେ ସାମ୍ୟବାଦୀ ଦଳ ପ୍ରତି ବିନାୟକ ବାବୁଙ୍କର ମମତା ଓ ଆନୁଗତ୍ୟ ଏତେ ବେଶୀ ଥିଲା ଯେ ସେ କେବଳ କମ୍ୟୁନିଷ୍ଟ ପାର୍ଟିର ସମର୍ଥକ ଦୋକାନୀଠାରୁ ପାନ ଜଳଖିଆ। ଖାଉଥଲେ ତାଙ୍କର ଧୋବା, ଭଣ୍ଡାରୀ, ଦରଜୀ ପ୍ରଭୃତିଙ୍କୁ ସେ ଦଳର ଶ୍ରେଣୀଭୁକ୍ତ କରିଥିଲେ ତାଙ୍କର ବିରୋଧି ଦଳ କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ନାୟକ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ନିବିଡ ବନ୍ଧୁତା ରହିଥିଲା ପ୍ରାୟ ତିନି ବର୍ଷର ବ୍ୟବଧାନ ପରେ ସେ ତାଙ୍କର ପ୍ରଧାନ ଶିକ୍ଷକ ପଦବୀକୁ ପୁନର୍ବାର ଫେରିଥିଲେ ସେଥିପାଇଁ ବୃନ୍ଦାବନ ନାୟକ ତାହାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ (ସାହୁ ପଦ୍ମଚରଣ, କର୍ମବୀର ବୃନ୍ଦାବନ, ବ୍ରହ୍ମପୁର, ୧୯୮୯, ପୃ-୬୩-୬୪) ଏହା ପରେ ସେ କେତେକ କାରଣରୁ କମ୍ୟୁନିଷ୍ଟ ଦଳ ପରିତ୍ୟାଗ କରି ସର୍ବୋଦୟ ଆନ୍ଦୋଳନ ଓ ହିନ୍ଦି ପ୍ରଚାର ସଭାରେ ଯୋଗ ଦେଇଥିଲେ।

୧୯୬୭ ମସିହାରେ ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ପୁନଃଯୋଗଦାନ କଲେ କଂଗ୍ରେସ ଦଳର ଆଦର୍ଶ ଓ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ୧୯୫୮-୫୯ରୁ ଏହି ଦଳରେ ସାମିଲ ହୋଇଥିଲେ ବିଜୁ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ସେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ରୂପେ ୧୯୬୭ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଏହି ନିର୍ବାଚନରେ ବିନାୟକ ବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜନ କଂଗ୍ରେସ ପ୍ରାର୍ଥୀ ବସନ୍ତ କୁମାର ପାଣିଗ୍ରାହୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ପ୍ରଥମ ଥର ପାଇଁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ୧୯୬୭ ମସିହାଠାରୁ ତାଙ୍କର ପାର୍ଲିଆମେଣ୍ଟାରୀ ଜୀବନର ସୂତ୍ରପାତ ହୋଇଥିଲା ପ୍ରଥମେ ସେ ବିଧାନ ସଭାରେ ମୁଖ୍ୟ ବିରୋଧି ଦଳ ଥିବା ୩୧ ଜଣିଆ। କଗ୍ରେସ ବ୍ୟବସ୍ଥାପକ ଦଳ ଉପନେତା ଥିଲେ ଏହାରଏକ ବର୍ଷ ପରେ ସେ ଉକ୍ତ ଦଳର ନେତା ନିର୍ବାଚିତ ହୋଇ ବିଧାନ ସଭାର ବିରୋଧି ଦଳର ନେତା ଦାୟିତ୍ୱ ଗ୍ରହଣ କଲେ (ସମାଜ, ଡିସେମ୍ବର୨୮, ୧୯୭୬) ୧୯୬୯ରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବଭାରତୀୟ ସ୍ତରରେ ଏକ ବିଭାଜନର ସମ୍ମୁଖୀନ ହେଲା ଏହାହେଲା ଦୁଇ ଭାଗ-କଂଗ୍ରେସ (ସଂଗଠନ) ଏବଂ କଂଗ୍ରେସ(ଶାସକ) ୧୯୬୯ରେ କଂଗ୍ରେସର ବିଭାଜନ ବେଳେ ବିନାୟକ ଆଚାର୍ଯ୍ୟ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ପ୍ରତି ଆସ୍ଥା ପ୍ରକାଶ କରିଥିଲେ ଏବଂ ଶାସକ କଂଗ୍ରେସ ସହିତ ସାମିଲ ହେଲେ ୧୯୭୦ରେ ଓଡିଶା କଂଗ୍ରେସ ବିଧାୟକ ଦଳର ଅଧିକାଂଶ ସଭ୍ୟ ବିଜୁ ପଟ୍ଟ ନାୟକଙ୍କ ନେତୃତ୍ୱରେ କଂଗ୍ରେସରୁ ବାହାରି ଯାଇ ଉତ୍କଳ କଂଗ୍ରେସ ଗଢିବା ବେଳେ ମାତ୍ର ୧୨ ଜଣ କଂଗ୍ରେସ ବିଧାୟକଙ୍କ ନେତୃତ୍ୱ ନେଇ ଆଚାର୍ଯ୍ୟ ଓଡିଶାରେ ଶାସକ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଥଲେ ଦଳର ଉଚ୍ଚ କର୍ତ୍ତୃପକ୍ଷ ଆଡହକ ଓଡିଶା ପ୍ରଦେଶ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଲେ ଏବଂ ବିନାୟକ ବାବୁ ଏହାର ଆବାହକ ରୂପେ ମନୋନୀତ ହେଲେ ବହୁ ଘାତ ପ୍ରତିଘାତ ମଧ୍ୟରେ ରାଜ୍ୟରେ କଂଗ୍ରେସ ସଂଗଠନକୁ ବଞ୍ଚାଇ ରଖିବା ଏବଂ ତୃଣମୂଳ ସ୍ତରରେ ଦଳକୁ ଶକ୍ତିଶାଳୀ କରିବାର ଗୁରୁ ଦାୟିତ୍ୱ ବିନାୟକ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ଜଣେ ଦୃଢ ସଂଗଠକଭାବରେ ସେ ନିଜକୁ ପ୍ରତିଷ୍ଠିତ କରିବା ସଂଗେ ସଂଗେ ରାଜ୍ୟରେ କଂଗ୍ରେସ ଦଳକୁ ଶକ୍ତିଶଳୀ କରିପାରିଥିଲେ (ଚୌଧୁରୀ, ବିଷ୍ଣୁଚରଣ, ପୂର୍ବୋକ୍ତ ପ୍ରବନ୍ଧ)।

ପରିଶେଷରେ କଂଗ୍ରେସ ଦଳରେ ଥାଇ ୧୯୭୬ ଡିସେମ୍ବର ମାସରେ ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ ମୁଖ୍ୟମନ୍ତ୍ରୀ ହେବାପରେ ସେ ରାଜ୍ୟରେ ନିର୍ମଳ, ସାଧୁ ଓ ଦୃଢ ଶାସନ ପ୍ରତିଷ୍ଠା ଦିଗରେ ସର୍ବବିଧ ଉଦ୍ୟମ କରିବେ ବୋଲି ସଂକଳ୍ପ ଜଣାଇଥିଲେ ମୁଖ୍ୟମନ୍ତ୍ରୀ ଆଚାର୍ଯ୍ୟ ୨୯ ତାରିଖ ଡିସେମ୍ବର ରାତ୍ରିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇଥିଲେ (ସମାଜ, ଡିସେମ୍ବର ୩୧, ୧୯୭୬) ସେଥିରେ ସେ ସେବାକୁ ମୂଳମନ୍ତ୍ର କରି ଶାସନ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ ସେ କହିଥିଲେ- "ରାଜ୍ୟର ଉନ୍ନତି କଥା ଚିନ୍ତା କଲାବେଳେ ଯେଉଁମାନଙ୍କୁ ନେଇ ଓ ଯେଉଁମାନଙ୍କ ଜରିଆରେ ଏହି କାର୍ଯ୍ୟ ସମ୍ପାଦନ ହେବ, ସେମାନଙ୍କ ସମ୍ପର୍କରେ ମୁଁ ସଚେତନ ଛାତ୍ର, ଯୁବକ, କୃଷକ, ଶ୍ରମିକ, ବୁଦ୍ଧିଜୀବୀ ତଥା ବିଭିନ୍ନ ଗୋଷ୍ଠିର ଲୋକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ ଓଡିଶାର ଉନ୍ନତି ଓ ପ୍ରଗତି ପାଇଁ ଏବେ ଏକ ନୂଆ। ସୁଯୋଗ ଆସିଛି ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଷ୍ଠା ଓ ଆନ୍ତରିକତା ସହ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ଶପଥ ନେବା ଏ ଦାୟିତ୍ୱ ସମ୍ପାଦନ ପାଇଁ ମୁଁ ସବୁଶ୍ରେଣୀର ଲୋକଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ଓଡିଶାକୁ ନୂଆ। ରୂପ ଦେବା ପାଇଁ ଆଜି ଆମକୁ ଯେଉଁ ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ସୁଖୀ ଓ ସମୃଦ୍ଧ ଓଡିଶା ଗଢିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରୁଛି" ମାତ୍ର ୪ ମାସ ପରେ ୧୯୭୭ ମସିହା ଏପ୍ରିଲ ୩୦ ତାରିଖ ଦିନ କେନ୍ଦ୍ରରେ ଥିବା ଜନତା ସରକାର ଆଚାର୍ଯ୍ୟଙ୍କର ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରିଥିଲେ ୧୯୬୯ ଠାରୁ ୧୯୭୭ ମସିହାରେ ସପ୍ତମ ଓଡିଶା ବିଧାନ ସଭା ଗଠିତ ହେବା ପର୍ଯ୍ୟନ୍ତ ଓଡିଶା ରାଜନୀତିରେ ଛକାପଂଝା ଥିବା ବେଳେ ବିନାୟକ ଆଚାର୍ଯ୍ୟଙ୍କର ଭୂମିକା ଏକ ନିର୍ଭୀକ, ସଚ୍ଚୋଟ ଓ ଆଦର୍ଶବାଦୀ ରାଜନୀତିଜ୍ଞର ସାକ୍ଷର ବହନ କରି ପାରିଥିଲା। ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଥିଲେ ଜୀବନର ଶେଷ ପର୍ଯ୍ୟନ୍ତ ଭାରତ ସୋଭିଏତ ମୈତ୍ରୀସଂଘ, ଭାରତ ଜର୍ମାନୀ ମୈତ୍ରୀ ସଂସଦ, ଭାରତୀୟ ଶାନ୍ତି ପରିଷଦ ଇତ୍ୟାଦିର ସେ ଥିଲେ ମୁଖ୍ୟ କର୍ଣ୍ଣଧାର ୧୯୪୬ ମସିହାଠାରୁ ୩୦ ବର୍ଷ ଧରି ରାଷ୍ଟ୍ରଭାଷା ପ୍ରଚାର ସମିତି ସହ ସଂପୃକ୍ତ ରହି ଓଡିଶାରେ ହିନ୍ଦି ଓ ଜାତୀୟ ସଂହତି ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୭୬ରେ ସେ ଓଡିଶାରେ ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଥିଲେ ସେ ମଧ୍ୟ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ଓ ପରେ ଉପ ସଭାପତି ହୋଇ ରାଜ୍ୟରେ ଶିକ୍ଷକମାନଙ୍କର ମଙ୍ଗଳ ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ୧୯୭୬ ଜୁନ ମାସରେ ବ୍ରହ୍ମପୁର ପ୍ରକାଶମ ହଲ ଠାରେ ଦକ୍ଷିଣ ଓଡିଶା ସାହିତ୍ୟ ଓ ସାଂସ୍କୃତିକୀ ସମ୍ମିଳନୀର ଉଦଘାଟନ କରି ଦକ୍ଷିଣ ଓଡିଶା ସାଂସ୍କୃତିକ ଜୀବନର ବିକାଶ ପାଇଁ ଉଦ୍ୟମ ହେବା ଉଚିତ ବୋଲି ସେ ମତ ଦେଇଥିଲେ ସେ ମଧ୍ୟ କୃଷକ ସମାଜର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ବିନାୟକ ଆଚାର୍ଯ୍ୟଙ୍କର ବହୁମୁଖୀ କର୍ମଧାରା ତାଙ୍କ ବିଧାନସଭା ପ୍ରଦତ୍ତ ଭାଷଣ ଏବଂ ବିଧାନ ସଭା ବାହାରେ ପ୍ରଦତ୍ତ ଭାଷଣରୁ ସୂଚିତ ହୋଇଥାଏ ଶିକ୍ଷା, ସାଂସ୍କୃତିକ ସଂଗଠନ, ସାହିତ୍ୟୋନ୍ନତି, ଅର୍ଥନୀତିକ ଅଭିବୃଦ୍ଧି ଓ ଯୋଜନା, ଦଳିତ ସମସ୍ୟା ସମାଧାନ, କୃଷି ଓ ଶିଳ୍ପର ବିକାଶ ପରି ନାନା କର୍ମଧାରାରେ ସେ ସଂଯୁକ୍ତ ହୋଇଥିଲେ ତାଙ୍କଜୀବନର ଦୀର୍ଘ ୪୦ ବର୍ଷ (୧୯୪୦ରୁ ୧୯୮୦) ତାଙ୍କ ଅବିସ୍ମରଣୀୟ ଜୀବନର ବିଶିଷ୍ଟ ପର୍ବ ଏହି ସମୟ ସୀମାରେ ତାଙ୍କ କର୍ମପ୍ରବାହରେ ତାଙ୍କ ଜୀବନ ଦର୍ଶନର ପ୍ରତିଫଳନ ଘଟିଥିଲା।

ପୂର୍ବତନ ଇତିହାସ ପ୍ରାଧ୍ୟାପକ, ବିଜେବି ନଗର, ସି-୩/୨, ଭୁବନେଶ୍ୱର-୧୪, ମୋ-୯୪୩୭୬୨୧୫୧୬

# ଦକ୍ଷିଣ ଆଫ୍ରିକାରୁ ବିଶ୍ୱକୁ ସନ୍ଦେଶ (୧)

### ସୌମେନ୍ଦ୍ର ଜେନା

ଚଳିତବର୍ଷ ଜି୨୦ ରାଷ୍ଟ୍ର ସମୂହର ୨୦ତମ ଶିଖର ବୈଠକ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ୨୨-୨୩ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ଏହି ବୈଠକରେ ଏହାର ସଦସ୍ୟରାଷ୍ଟ୍ର ଏବଂ ନିମନ୍ତ୍ରିତ ରାଷ୍ଟ୍ରଗୁଡିକର ନେତାମାନେ ଅଂଶଗ୍ରହଣ କରିଥିଲେ । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ବେଇଜ୍ଜତି ହେବାର ଭୟରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ବର୍ଣ୍ଣବୈଷମ୍ୟ ଘୃଣା ଓ ହିଂସାର ଅଭିଯୋଗ ଆଣି ବୈଠକରେ ଯୋଗଦାନ କରିନଥିଲେ । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଅସୁବିଧା ଯୋଗୁ ଏହି ବୈଠକରେ ଯୋଗଦାନ କରିନଥିଲେ ମଧ୍ୟ ସେମାନଙ୍କ ପ୍ରତିନିଧି ଭାବେ ରାଷ୍ଟ୍ରର ଉପନେତାଙ୍କୁ ପଠାଇଥିଲେ । ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ୨୪ ନଭେମ୍ବର ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୩୦ ନଭେମ୍ବର ୨୦୨୫ ଯାଏଁ ଦକ୍ଷିଣ ଆଫ୍ରିକା ହାତରେ ଜି୨୦ର ଅଧ୍ୟକ୍ଷ ଦାୟିତ୍ୱ ରହିଥିଲା ବେଳେ ପରବର୍ତ୍ତୀ କାଳରେ ତାହା ଆମେରିକା ହାତକୁ ଯିବ । ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଂଶଗ୍ରହଣ କରିଥିଲେ ।

ଜି୨୦ ସଦସ୍ୟ ରାଷ୍ଟ୍ର ଭାବେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ, ଆଫ୍ରିକୀୟ ସଂଘ ଆଦି ରହିଛନ୍ତି । ଜି୨୦ର ଅଧ୍ୟକ୍ଷ ରାଷ୍ଟ୍ରକୁ ଏହାର ଶିଖର ବୈଠକ ଆୟୋଜନ କ୍ଷମତା ଦିଆଯାଇଥାଏ । ଜି୨୦ରେ ସମାନ୍ତରାଳ ଭାବେ ଦୁଇଟି ଗୋଷ୍ଠୀର କାର୍ଯ୍ୟ ଚାଲିଥାଏ । ଗୋଟିଏ ହେଲା ଆର୍ଥିକ ଧାରା , ଅନ୍ୟଟି ସେର୍ପାଧାରା । ଆର୍ଥିକ ଧାରାର ଆଲୋଚନାରେ ସଦସ୍ୟ ରାଷ୍ଟ୍ର ସମୂହର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣରମାନେ ଥିଲାବେଳେ ସେର୍ପା ଧାରାର ଆଲୋଚନାରେ ରାଷ୍ଟ୍ରମୁଖ୍ୟମାନଙ୍କ ପ୍ରତିନିଧି ରହିଛନ୍ତି । ଆର୍ଥିକ ଗୋଷ୍ଠୀର ଆଲୋଚନା ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ହୋଇଥାଏ । ଏହି ଗୋଷ୍ଠୀର ଆଲୋଚନା ନିୟମିତ ଭାବେ ଅଧ୍ୟକ୍ଷ ବଦଳିବା ସହ ସଂପୃକ୍ତ ରାଷ୍ଟ୍ରରେ ହୋଇଥାଏ । ସେର୍ପାଙ୍କ ବୈଠକରେ ତତ୍କାଳୀନ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଆଲୋଚନାରେ ସ୍ଥାନ ପାଇଥାଏ, ଯେଉଁଥିରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜର ଅଭିମୁଖ୍ୟ ପ୍ରକାଶ କରିଥାନ୍ତି । ଏହାଛଡା ଅନ୍ୟ ଗୋଷ୍ଠୀଗତ ଆଲୋଚନାରେ ସିଭିଲ ସୋସାଇଟୀ, ସାଂସଦ, ବୁଦ୍ଧିଜୀବୀ, ମହିଳା, ଯୁବଗୋଷ୍ଠୀ, ଶ୍ରମିକ, ବ୍ୟବସାୟୀ, ଗବେଷକଗଣ ଜି୨୦ ରାଷ୍ଟ୍ରଗୁଡିକରୁ ଯୋଗଦାନ କରିଥାନ୍ତି । ଏମାନଙ୍କର ବୈଠକ ଭିନ୍ନ ଭିନ୍ନ ଗୋଷ୍ଠୀର ଭିନ୍ନ ଭିନ୍ନ ସମୟରେ ଆୟୋଜିତ ହୋଇଥାଏ । ଜି୨୦ର କୌଣସି ସ୍ଥାୟୀ ସଚିବାଳୟ ଖୋଲାଯାଇ ନାହିଁ । ଏହା ସବୁବେଳେ ତ୍ରିଶକ୍ତିକୁ ନେଇ କାର୍ଯ୍ୟକରେ । ପୂର୍ବ ଅଧ୍ୟକ୍ଷ ରାଷ୍ଟ୍ର, ଅଧ୍ୟକ୍ଷ ରାଷ୍ଟ୍ର ଏବଂ ପରବର୍ତ୍ତୀ ଅଧ୍ୟକ୍ଷ ରାଷ୍ଟ୍ରର ତ୍ରିଶକ୍ତି ଜି୨୦କୁ ଆଗକୁ ନେଇଥାନ୍ତି । ଜି୨୦ର ଅଧ୍ୟକ୍ଷ ୧ ଡିସେମ୍ବରରୁ ପରବର୍ତ୍ତୀ ବର୍ଷ ୩୦ ନଭେମ୍ବର ପର୍ଯ୍ୟନ୍ତ ଦାୟିତ୍ୱ ହାତରେ ରଖିଥାନ୍ତି । ଜି୨୦ର ଅଧ୍ୟକ୍ଷ ବିଶ୍ୱର ଅନେକଗୁଡିଏ ସମସ୍ୟା ଏବଂ ତତ୍କାଳିକ ବିଷୟଗୁଡିକ ଯେପରି ଜଳବାୟୁ ପରିବର୍ତ୍ତନ, ଅସମାନତା, ଦାରିଦ୍ର୍ୟ, ଅନାହାର, ବେରୋଜଗାରୀ, ଟେକ୍ନୋଲୋଜୀ ଯୋଗୁ ପରିବର୍ତ୍ତନ, ବିଶ୍ୱର ଅସ୍ଥିରତା ପରି ଅନେକଗୁଡିଏ ବିଷୟକୁ ଆଲୋଚନାରେ ପ୍ରାଧାନ୍ୟ ଦେଇଥାନ୍ତି । ଜାତିସଂଘର ଲକ୍ଷ୍ୟ ଅନୁଯାୟୀ ଜି୨୦ର ଅଧ୍ୟକ୍ଷ ବିକାଶମୁଖୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସ କରିଥାନ୍ତି । ୨୦୨୫ ପାଇଁ ଜି୨୦ର ବିଷୟ ଥିଲା ଏକତା ସମାନତା ଓ ନିରନ୍ତର ବିକାଶ । ଜୋହାନ୍ସବର୍ଗର ଏକ୍ସପୋ ସେଣ୍ଟରଠାରେ ଅନୁଷ୍ଠିତ ଏହି ଶିଖର ବୈଠକରେ ଯେଉଁ ସବୁ ନିମନ୍ତ୍ରିତ ରାଷ୍ଟ୍ର ଯୋଗଦାନ କରିଥିଲେ ସେମାନେ ହେଲେ ଅଲଜେରିଆ, ଇଜିପଟ୍, ଇଥିଓପିଆ, ଫିନଲାଣ୍ଡ, ଆୟର୍ଲାଣ୍ଡ, ଜାମାଇକା, ମାଲେସିଆ, ନାମିବିଆ, ନେଦରଲାଣ୍ଡ, ନାଇଜେରିଆ, ନରୱେ, କାତାର, ସିଓରାଲିଓନ୍, ସିଙ୍ଗାପୁର, ସ୍ପେନ, ୟୁନାଇଟେଡ୍ ଆରବ ଏମିରେଟସ, ଭିଏତନାମ, ଜିମ୍ବାୱେ । ଏହାଛଡା ଏହାର ସଦସ୍ୟ ରାଷ୍ଟ୍ର ସମୂହ ହେଲେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ।

ଦକ୍ଷିଣ ଆଫ୍ରିକା ଜି୨୦ର ଅଧ୍ୟକ୍ଷ ଦାୟିତ୍ୱ ନେବାପରେ ଯେଉଁ ସବୁ ବିଷୟକୁ ଆଲୋଚନା ପାଇଁ ଗୁରୁତ୍ୱ ଦେଇଥିଲା, ସେଗୁଡିକ ହେଉଛି ବିପର୍ଯ୍ୟୟର ପ୍ରତିରୋଧ, ଋଣରୁ ମୁକ୍ତି, ପାରମ୍ପରିକ ଶକ୍ତି ଉତ୍ସ ପାଇଁ ସହାୟତା, ଅତ୍ୟାବଶ୍ୟକ ମୂଲ୍ୟବାନ ଖଣିଜ ପଦାର୍ଥ ଇତ୍ୟାଦି । ଏହାବାଦ ଆର୍ଥିକ ବିକାଶ, ଶିଳ୍ପବିକାଶ, ରୋଜଗାର, ଅସମାନତା ହ୍ରାସ, ଖାଦ୍ୟ ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ଗବେଷଣା ଏବଂ ନିରନ୍ତର ବିକାଶ । ଚଳିତ ବର୍ଷର ଶିଖର ବୈଠକରେ ଯେଉଁସବୁ ପ୍ରମୁଖ ନେତୃବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଆର୍ଜେଣ୍ଟିନାର ବିଦେଶମନ୍ତ୍ରୀ ପାବ୍‌ଲୋ କ୍ୱିରନୋ,ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏଣ୍ଟୋନୀ ଅଲବାନିସ୍ ବ୍ରାଜିଲ ରାଷ୍ଟ୍ରପତି ଲୁଇସ ଇନାସିଓ ଦା ସିଲ୍‌ଭା, କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି, ଚୀନର ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇଣ୍ଡୋନେସିଆର ଉପରାଷ୍ଟ୍ରପତି ଜିହାନ ରାକାବୁମିଙ୍ଗ ରାକା, ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଜାପାନର ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି, ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜାଇ ମୁଙ୍ଗ, ମେକ୍ସିକୋର ଅର୍ଥସଚିବ ଏଡଗାର ଆମା ଦୋର, ଜାମୋରା, ରୁଷିଆର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଉପସଚିବ ମାକ୍ସିମ୍ ଓରେସ୍କିନ୍, ସାଉଦି ଆରବର ବିଦେଶମନ୍ତ୍ରୀ ଫୈସଲ ବିନ୍ ଫରହାନ ଅଲ ସାଉଦ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା, ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ, ବ୍ରିଟେନର ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମର, ୟୁରୋପୀୟ ସଂଘର ଅଧ୍ୟକ୍ଷ ଉର୍ସୁଲା ଭନ ଦେର ଲେୟେନ୍, ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା, ଆଫ୍ରିକା ୟୁନିଅନର ଅଧ୍ୟକ୍ଷ ଜୋଆଓ ଲୌରେଙ୍କୋ ପ୍ରମୁଖ । କିନ୍ତୁ ଆମେରିକା,ଚୀନ, ରୁଷିଆ, ମେକ୍ସିକୋ ପ୍ରମୁଖ ରାଷ୍ଟ୍ରଗୁଡିକର ନେତୃବୃନ୍ଦଙ୍କ ସମେତ ପ୍ରାୟ ୩୦ପ୍ରତିଶତ ସଦସ୍ୟରାଷ୍ଟ୍ରର ମୁଖ୍ୟମାନେ ଏହି ଆଲୋଚନାର ବାହାରେ ରହିବା ଘଟଣାକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁୟଲ ମାକ୍ରୋନ ସମାଲୋଚନା କରିଥିଲେ । ଭବିଷ୍ୟତରେ ଏହା ସଂଗଠନର ଗୁରୁତ୍ୱକୁ ହ୍ରାସ କରିପାରେ ବୋଲି ସତର୍କ କରାଇ ଦେଇଥିଲେ । କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଆମେରିକାର ଅନୁପସ୍ଥିତିକୁ ସମାଲୋଚନା କରି କହିଥିଲେ ଯେ ଆମେରିକାକୁ ବାଦଦେଇ ମଧ୍ୟ ପୃଥିବୀ ଆଗକୁ ଯାଇପାରେ । ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ରାଷ୍ଟ୍ର, ବିଶ୍ୱ ଜିଡିପିର ଦୁଇ ତୃତୀୟାଂଶ, ବିଶ୍ୱବାଣିଜ୍ୟର ତିନି ଚତୁର୍ଥାଂଶ ଏଥିରେ ସାମିଲ ହୋଇଛନ୍ତି ।

ନିମନ୍ତ୍ରିତ ନେତୃବୃନ୍ଦଙ୍କ ମଧ୍ୟରେ ଆଲଜେରିଆର ପ୍ରଧାନମନ୍ତ୍ରୀ ସିଫି ଘ୍ରିଏବ, ଇଜିପଟ୍‌ର ପ୍ରଧାନମନ୍ତ୍ରୀ ମୋସ୍ତାଫା ମାଡବୌଲୀ, ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ,ଫିନଲାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ, ଆୟର୍ଲାଣ୍ଡର ମାଇକେଲ ମାର୍ଟିନ,ଜାମାଇକାର ପ୍ରଧାନମନ୍ତ୍ରୀ ଆଣ୍ଡ୍ରିଉ ହୋଲନେସ୍, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ, ନାମିବିଆର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦି -ଏନଦାୟିତ୍ୱା, ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍, ନାଇଜେରିଆର ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗୈର ଷ୍ଟୋର, କାତାର ଅମିର ତମିମ୍ ବିନ ଅହମ୍ମଦ ଅଲଥାନୀ, ସିଓରାଲିଓନର ରାଷ୍ଟ୍ରପତି ଜୁଲିଅସ୍ ମାଡା ବିଓ, ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ, ସ୍ପେନର ପ୍ରଧାନମନ୍ତ୍ରୀ ପୋଡ୍ରୋ ସାଞ୍ଚେଜ୍, ୟୁଏଇର କ୍ରାଉନପ୍ରିନ୍ସ ଖାଲେଦ ବିନ ମହମଦ ଅଲ ନ୍ୟହାନ, ଭିଏତନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚୀନ, ଜିମ୍ବାୱେ ରାଷ୍ଟ୍ରପତି ଇମର୍ସନ ମାଙ୍ଗାଗ୍ୱା ପ୍ରମୁଖ ରହିଥିଲେ । ଆନୁଷ୍ଠାନିକ ନେତୃବୃନ୍ଦଙ୍କ ମଧ୍ୟରେ ଆଫ୍ରିକୀୟ ମୁକ୍ତବାଣିଜ୍ୟ କ୍ଷେତ୍ରର ସେକ୍ରେଟାରୀ ଜେନେରାଲ ୱାମକେଲେ ମେନେ, ଆଫ୍ରିକୀୟ ବିକାଶ ବ୍ୟାଙ୍କର ଅଧ୍ୟକ୍ଷ ଆକିନୱିମି ଅଦେସିନା, ପୂର୍ବ ଆଫ୍ରିକୀୟ ରାଷ୍ଟ୍ରର ସେକ୍ରେଟାରୀ ଜେନେରାଲ ଭେରୋନିକା ନୁଦୁଭା, କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ସମୂହର କମିଶନ ଅଧ୍ୟକ୍ଷ ଇର୍ଜେଟଏଲ ନିବିଗିରା, ଆର୍ଥିକ ସ୍ଥିରତା ବୋର୍ଡର କ୍ଲାସ କ୍ଲଟ, ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ନିର୍ଦ୍ଦେଶକ କ୍ୟୁ ଡଙ୍ଗୟୁ, ବିଶ୍ୱ ଶ୍ରମିକ ସଂଗଠନର ନିର୍ଦ୍ଦେଶକ ଗିଲବର୍ଗ ହୌଙ୍ଗବୋ, ବିଶ୍ୱ ମୁଦ୍ରାପାଣ୍ଠିର ପରିଚାଳନା ଅଧ୍ୟକ୍ଷା କ୍ରିଷ୍ଟିନା ଜର୍ଜିଓଭା, ବିଶ୍ୱ ଟେଲିକମ୍ୟୁନିକେଶନ ୟୁନିଅନର ସେକ୍ରେଟାରୀ ଜେନେରାଲ ଡୋରିନ ବୋଗାଦାନ-ମାର୍ଟିନ, ନିଉ ଡେଭଲପମେଣ୍ଟ ବ୍ୟାଙ୍କର ଅଧ୍ୟକ୍ଷା ଦିଲମା ରୌସେଫ, ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରସ, ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକ ଟେଡ୍ରୋସ ଅଧୋନାମ ଘେବ୍ରେୟେସୁସ୍, ବିଶ୍ୱ ବାଣିଜ୍ୟ ସଂଗଠନର ନିର୍ଦ୍ଦେଶିକା ଏନଗୋଜି ଓକୋଞ୍ଜୋ-ଇୱେଅଲା ପ୍ରମୁଖ ରହିଥିଲେ ।

ଭାରତୀୟ ସାହିତ୍ୟ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସଦଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି ?

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ। ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି। ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ। ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର। ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ। ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି। ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ। ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ। ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି। କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ।

କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ - ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ। ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ ? ଶ୍ରୀ ଶ୍ରୀ ଠାକୁର - ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ। ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା। ଉକ୍ତ ବ୍ୟକ୍ତି - ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ ? କେହି ଯଦି ଆର୍ତ୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର - ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ। ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ। ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି। କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୂଳ ବି ନଡ଼ି ନାହିଁ। ଏହାକୁ କୁହାଯାଏ ଆପ୍ତ ହେବା। ଏହାକୁ କୁହାଯାଏ ଅନୁରାଗ। (ଆ:ପ୍ର: ୨୦/୨୨.୧୦.୧୯୫୧)।

ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ। କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ। ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, (କ୍ରମଶଃ)



# ଇଣ୍ଡିଗୋ ସିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି ସରକାର

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଗତ ତିନି ଦିନ ଧରି କଠୋର ସମାଲୋଚନାର ଶିକାର ହୋଇଛି । ଦେଶର ବିଭିନ୍ନ ବିମାନବନ୍ଦରରେ ଇଣ୍ଡିଗୋର ଶହ ଶହ ବିମାନ ବାତିଲ ହେବା ସହ ଫ୍ଲାଇଟଗୁଡ଼ିକ ଘଣ୍ଟା ଘଣ୍ଟା ବିଳମ୍ବ ହେଉଛି । ଏହା ଦ୍ୱାରା ବିମାନ ବନ୍ଦରରେ ବ୍ୟାପକ ବିଶୃଙ୍ଖଳା ଦେଖିବାକୁ ମିଳୁଛି । ଏହି ବିଶୃଙ୍ଖଳା ସମଗ୍ର ବିମାନ ସେବା ଶିଳ୍ପ ଏପରିକି ସରକାରଙ୍କୁ ବି ଦୋହଲାଇ ଦେଇଛି। ଆସନ୍ତା ୩ ଦିନ ମଧ୍ୟରେ ସ୍ଥିତି ସ୍ୱାଭାବିକ ହେବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହୁଥିଲେ ବି ଏପରି




ହେବା ପରି ଲାଗୁନାହିଁ । ସରକାର ଏବେ ଏହି ସମ୍ପୂର୍ଣ୍ଣ ସଙ୍କଟକୁ ଅତ୍ୟନ୍ତ ଗମ୍ଭୀର ବୋଲି ବିବେଚନା କରୁଛନ୍ତି ଏବଂ ଏଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ଆଧାରରେ ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି । ସରକାରୀ ସୂତ୍ର ଅନୁଯାୟୀ, କେନ୍ଦ୍ର ସରକାର ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ବହିଷ୍କାର କରିବାକୁ ସୁପାରିଶ କରିବାକୁ ଗମ୍ଭୀରତାର ସହିତ ବିଚାର କରୁଛନ୍ତି। ଏହା ବ୍ୟତୀତ, ଏହି ବିମାନ କମ୍ପାନୀକୁ ମଧ୍ୟ ଦଣ୍ଡିତ କରାଯାଇପାରେ। ଏପରିକି ଏହି ଦଣ୍ଡ ଏପର୍ଯ୍ୟନ୍ତ ଶିଳ୍ପରେ ନିଆଯାଇଥିବା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି ବିବେଚନା କରାଯାଇପାରେ ।

# କୌଣସି ଦେଶ ଆମ ସମ୍ପର୍କ ଉପରେ କଟକଣା ଲଗାଇ ପାରିବେ ନାହିଁ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଶେଷ ହୋଇଥିବା ଦୁଇ ଦିନିଆ ଭାରତ ଗସ୍ତ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ସମ୍ପର୍କକୁ ଏକ ନୂଆ ରୂପ ଦେଇଛି । ଜୟଶଙ୍କର କହିଛନ୍ତି ଯେ ଗତ ୭୦-୮୦ ବର୍ଷ ମଧ୍ୟରେ ବିଶ୍ୱ ଅନେକ ଉ ।ନ-ପତନ ଦେଖିଛି, କିନ୍ତୁ ଭାରତ-ରୁଷ ସମ୍ପର୍କ ବିଶ୍ୱର ସବୁଠାରୁ ସ୍ଥିର ସମ୍ପର୍କ ମଧ୍ୟରୁ ଅନ୍ୟତମ । କୌଣସି ଦେଶ ଆମ ସମ୍ପର୍କ ଉପରେ କଟକଣା ଲଗାଇ ପାରିବେ ନାହିଁ । ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଭାରତ ନିଜର ବୈଶ୍ୱିକ ସାଥୀ ବାଛିବା ପାଇଁ ସ୍ୱାଧୀନ। ଭୌଗୋଳିକ ରାଜନୀତିର ପରିବର୍ତ୍ତନ ସତ୍ତ୍ୱେ ମସ୍କୋ ସହିତ ନୂଆଦିଲ୍ଲୀର ସମ୍ପର୍କ ସବୁଠାରୁ ସ୍ଥିର ରହିଛି । ଅନ୍ୟ କୌଣସି ଦେଶ ସହିତ ଭାରତର ସମ୍ପର୍କ ଉପରେ 'ଭିଟୋ' ଲଗାଇବା କୌଣସି ଦେଶ ପାଇଁ ଅନୁଚିତ । ସେ କହିଛନ୍ତି ଯେ ଆମେରିକା



ଓ ୟୁରୋପ ସହ ଭାରତର ଭଲ ସମ୍ପର୍କ ରହିଛି, କିନ୍ତୁ ରୁଷ ସହିତ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଆସିଛି । ଜୟଶଙ୍କର କହିଛନ୍ତି ଯେ ରୁଷ ଓ ଭାରତ ଅନେକ ଉ ।ନ-ପତନ ଦେଖିଥିଲେ ମଧ ଉଭୟଙ୍କ ସମ୍ପର୍କ ମଜବୁତ ରହିଛି । ସେ ପରୋକ୍ଷରେ ଆମେରିକାକୁ ଇଙ୍ଗିତ କରି କହିଛନ୍ତି ଯେ କୌଣସି ଦେଶ ଆମ ସମ୍ପର୍କ ଉପରେ କଟକଣା ଲଗାଇ ପାରିବେ ନାହିଁ । ଆମେରିକା ଚାହୁଁଥିଲା ଯେ ଭାରତ ରୁଷ ଠାରୁ ପ୍ରତିରକ୍ଷା ସାମଗ୍ରୀ କିମ୍ବା କଞ୍ଚା ତେଲ ନକିଣୁ, କିନ୍ତୁ ଭାରତ ସ୍ପଷ୍ଟ କରିଦେଇଛି ଯେ ଆମେ କୌଣସି ଦେଶର ଚାପରେ ମୁଣ୍ଡ ନୁଆଁଇବୁ ନାହିଁ ।

# ରେଳ ଯାତ୍ରୀଙ୍କ ପାଇଁ ଖୁସି ଖବର
# ଚାଲିବ ୧୪ ସ୍ପେଶାଲ ଟ୍ରେନ୍

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଯାତ୍ରୀଙ୍କ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି, କେନ୍ଦ୍ରୀୟ ରେଳବାଇ ୧୪ଟି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି । ଏହି ଟ୍ରେନଗୁଡ଼ିକ ଲକ୍ଷ୍ନୌ, ନାଗପୁର, ବେଙ୍ଗାଲୁରୁ, ଗୋରଖପୁର, ମାଡଗାଓଁ ଏବଂ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ପ୍ରମୁଖ ସହର ମଧ୍ୟରେ ଚଳାଚଳ କରିବ । ଏହି ଟ୍ରେନଗୁଡ଼ିକରେ ସବୁ କ୍ଲାସର କୋଚ୍ ରହିବ, ଯାହା ସମସ୍ତ ବର୍ଗର ଯାତ୍ରୀଙ୍କ ପାଇଁ ଯାତ୍ରା ସୁବିଧା ସୁନିଶ୍ଚିତ



କରିବ । ସେଣ୍ଟ୍ରାଲ ରେଲୱେ କହିଛି, ବର୍ଦ୍ଧିତ ଯାତ୍ରୀ ଚାହିଦା, ପର୍ବପର୍ବାଣୀ, ଗ୍ରୀଷ୍ମ ଏବଂ ଶୀତକାଳୀନ ଛୁଟିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଭିଡ଼ କମାଇବା ପାଇଁ ଏହି ଟ୍ରେନ୍ ଗୁଡ଼ିକ ପରିଚାଳିତ ହେଉଛି । ଦୂରଗାମୀ ଯାତ୍ରାକୁ ସହଜ କରିବା ପାଇଁ ବିଭିନ୍ନ ରୁଟରେ ଅନ୍-ଡିମାଣ୍ଡ ସ୍ପେଶାଲ ଟ୍ରେନ୍ ଯୋଜନା କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକରେ ସମସ୍ତ ପ୍ରକାରର କୋଚ୍ - ଏସି ଫ୍ଲାଷ୍ଟ କ୍ଲାସ -,ଏସି ୨ଟିୟର, ଏସି-୩ ଟିୟର, ସ୍ଲିପର କ୍ଲାସ ଏବଂ ଜେନେରାଲ କ୍ଲାସ ପ୍ରଦାନ କରାଯିବ, ଯାହା ସମସ୍ତ ପ୍ରକାରର ଯାତ୍ରୀଙ୍କ ପାଇଁ ଉତ୍ତମ ବିକଳ୍ପ ପ୍ରଦାନ କରିବ ।

# ରେଲୱେର ୧.୨ ଲକ୍ଷ ପଦବୀ ଖାଲି

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଭାରତୀୟ ରେଳବାଇ ଏଥର ଯୁବପିଢିମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଛି । ସାରା ଦେଶରେ ଯେଉଁମାନେ ରେଳବାଇ ଚାକିରି ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କ ପାଇଁ ବର୍ଷର ସବୁଠାରୁ ବଡ଼ ଖବର ଆସିଛି । ରେଳବାଇ ୨୦୨୪ ଏବଂ ୨୦୨୫ ପାଇଁ ମୋଟ ୧୨୦,୫୭୯ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୀତକାଳୀନ ଅଧିବେଶନ ସମୟରେ ସଂସଦରେ ଏହି ନିଯୁକ୍ତି ଅଭିଯାନ ଘୋଷଣା କରି କହିଥିଲେ ଯେ, ଏତେ ବଡ଼ ଅଭିଯାନ ପୂର୍ବରୁ କେବେ କରାଯାଇ ନଥିଲା । ରେଳବାଇ ସର୍ବଦା ଯୁବପିଢିମାନଙ୍କୁ ପ୍ରଥମିକତା ଦେଇ ଆସିଛି ଏବଂ ଏଥର, ଏକକାଳୀନ ଏତେ ବଡ଼ ସଂଖ୍ୟାରେ ପଦବୀ ପ୍ରକାଶ କରି, ରେଳବାଇ ପ୍ରାର୍ଥୀମାନଙ୍କର ଆଶାକୁ ଆହୁରି ବୃଦ୍ଧି କରିଛି । ରେଳମନ୍ତ୍ରୀ କହିଛନ୍ତି ଯେ ଉଭୟ ବର୍ଷ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ଏବଂ ବିଜ୍ଞପ୍ତି ଜାରି କରାଯାଇଛି । ରେଳ ମନ୍ତ୍ରଣାଳୟ ଅନୁଯାୟୀ, ରେଳବାଇ ୨୦୨୪ ପାଇଁ ୧୦ଟି ପ୍ରମୁଖ ବିଜ୍ଞପ୍ତି ଜାରି କରିଛି, ଯେଉଁଥିରେ ୯୧,୧୧୬ ପଦବୀ ପାଇଁ ନିଯୁକ୍ତି ଜାରି ରହିଛି । ୨୦୨୫ ପାଇଁ ସାତଟି ବିଜ୍ଞପ୍ତି ଜାରି କରାଯାଇଛି, ଯେଉଁଥିରେ ୩୮,୪୬୩ ପଦବୀ ଅନ୍ତର୍ଭୁକ୍ତ । ଉଭୟ ବର୍ଷ ପାଇଁ ମିଳିତ ନିଯୁକ୍ତି ୧୨୦,୫୭୯ ପଦବୀରେ ପହଞ୍ଚିଛି, ଅର୍ଥାତ ବର୍ତ୍ତମାନ ୧.୨ ଲକ୍ଷରୁ ଅଧିକ ପଦବୀ ଉପଲବ୍ଧ ।

# ଆଫଗାନିସ୍ତାନ ନିକଟରେ ଆତ୍ମସମର୍ପଣ କଲା ପାକିସ୍ତାନ !

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଶୁକ୍ରବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ପ୍ରବଳ ଗୁଳିଚାଳନା ହୋଇଥିଲା, ଯାହା ପୂର୍ବରୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଆହୁରି ବୃଦ୍ଧି କରିଛି । ଉଭୟ ପକ୍ଷର ଅଧିକାରୀମାନେ ଗୁଳିଚାଳନା ସମ୍ପର୍କରେ ନିଶ୍ଚିତ କରିଛନ୍ତି । ଚଳିତ ସପ୍ତାହର ପ୍ରାରମ୍ଭରେ, ରିୟାଦରେ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଥିଲା ।ଏପର୍ଯ୍ୟନ୍ତ ଅଧିକାରୀମାନେ କୌଣସି କ୍ଷତିର ରିପୋର୍ଟ ଦେଇ ନାହାନ୍ତି । ଆଫଗାନିସ୍ତାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି, ପାକିସ୍ତାନ କାନ୍ଦାହାର ପ୍ରଦେଶର ସ୍ପିନ୍ ବୋଲଡାକ୍ ଅଞ୍ଚଳରେ ଆକ୍ରମଣ କରିଛି । ଏହି ସମୟରେ ପାକିସ୍ତାନ ସରକାର ଆଫଗାନ ସେନା ଉପରେ ଚମନ ସୀମାରେ ବିନା ପ୍ରରୋଚନାରେ ଆକ୍ରମଣ କରିଥିବା ଅଭିଯୋଗ କରିଛି । ରଏଟର୍ସ ଅନୁଯାୟୀ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖପାତ୍ର ମୁଶାରଫ ଜୈଦି କହିଛନ୍ତି, ପାକିସ୍ତାନ ସମ୍ପୂର୍ଣ୍ଣ ସତର୍କ ଅଛି । ଦେଶ ନିଜର କ୍ଷେତ୍ରୀୟ ଅଖଣ୍ଡତା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ପାକିସ୍ତାନ ଏବଂ ଆଫଗାନ ତାଲିବାନ ମଧ୍ୟରେ ଉତ୍ତେଜନା ଜାରି ରହିଛି । ଆଫଗାନ ସମ୍ବାଦ ସଂସ୍ଥା ଖୋରାସନ ମିଡିଆ ରିପୋର୍ଟ କରିଛି, ପାକିସ୍ତାନୀ ସେନା ୨୦ରୁ ଅଧିକ ଚେକ୍ ପଏଣ୍ଟ ଛାଡି ପଳାଇଛନ୍ତି। ସୂତ୍ର ଅନୁସାରେ ପାକିସ୍ତାନୀ ସେନା ସାଧାରଣ ଲୋକଙ୍କ ଉପରେ ରକେଟ ମାଡ଼ କରିଥିଲା । ଯାହା ଦ୍ୱାରା ସ୍ପିନ୍ ବୋଲଡାକର ଲୋକମାନଙ୍କୁ ବହୁତ ଅସୁବିଧା ହୋଇଥିଲା । ଏହା ପରେ, ଆଫଗାନ ସେନା ପାକିସ୍ତାନ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ଯେଉଁଥିରେ ବହୁତ କ୍ଷତି ହୋଇଥିଲା । ରିପୋର୍ଟ ସୂଚିତ କରୁଛି ଯେ, ପାକିସ୍ତାନ ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ଆରମ୍ଭ କରିଥିଲା । ଉଭୟ ପଡ଼ୋଶୀ ଦେଶର ପ୍ରତିନିଧିମାନେ ସମ୍ପ୍ରତି ସାଉଦି ଆରବରେ ନୂତନ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ସାକ୍ଷାତ କରିଥିଲେ । ଆଲୋଚନା କୌଣସି ଫଳାଫଳ ବିନା ଶେଷ ହୋଇଥିଲା । ଉଭୟ ପକ୍ଷ ସେମାନଙ୍କର ଅସ୍ତ୍ରବିରତି ଜାରି ରଖିବାକୁ ରାଜି ହୋଇଥିଲେ । କାତାର ଏବଂ ତୁର୍କୀରେ ବୈଠକ ପରେ ରିୟାଦରେ ହୋଇଥିବା ବୈଠକ ସର୍ବଶେଷ ଥିଲା । ପାକିସ୍ତାନ ବର୍ତ୍ତମାନ ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ପ୍ରଦେଶରେ ଗୁରୁତର ଉଗ୍ରବାଦୀ ହିଂସା ସହିତ ସଂଘର୍ଷ କରୁଛି । ପାକିସ୍ତାନ ଦାବି କରୁଛି ଯେ, ଆ।ଫଗାନ ମାଟିରୁ କାର୍ଯ୍ୟ କରୁଥିବା ଉଗ୍ରବାଦୀମାନେ ସମ୍ପ୍ରତି ଦେଶରେ ଆକ୍ରମଣ କରୁଛନ୍ତି, ଯେଉଁଥିରେ ଆଫଗାନ ନାଗରିକଙ୍କୁ ନେଇ ଆତ୍ମଘାତୀ ବିସ୍ଫୋରଣ ମଧ୍ୟ ଅନ୍ତର୍ଭୁକ୍ତ । ତାଲିବାନ ସରକାର ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରୁଛନ୍ତି ଏବଂ ପାକିସ୍ତାନରେ ହେଉଥିବା ହିଂସା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା ଦାୟୀ ବୋଲି କହିଛନ୍ତି । ତାଲିବାନ କହିଛି ଯେ, ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜ ପାଇଁ ଆମକୁ ଦାୟୀ କରାଯାଇପାରିବ ନାହିଁ । ପୂର୍ବରୁ, ଅକ୍ଟୋବରରେ ତାଲିବାନ ନେତୃତ୍ୱାଧୀନ ଆଫଗାନ ସେନା ଏବଂ ପାକିସ୍ତାନୀ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା, ଯେଉଁଥିରେ ଉଭୟ ପକ୍ଷଙ୍କର ବହୁ ଲୋକଙ୍କର ମୃତ୍ୟୁଘଟିଥିଲା ।

# ଜିଓ ଆଣିଲା ଦମଦାର୍ ପ୍ଲାନ୍

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଜିଓ ନିରନ୍ତର ସୁଲଭ ଯୋଜନା ଏବଂ ଅଫର ସହିତ ଏହାର ଉପଭୋକ୍ତାମାନଙ୍କୁ ଆଶ୍ଚର୍ଯ୍ୟ କରିଆସୁଛି । ଦେଶର ଏକ ନମ୍ବର ଟେଲିକମ୍ କମ୍ପାନୀ ଏହାର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ମାତ୍ର ୧୦୦ ଟଙ୍କାରେ ବମ୍ପର ଲାଭ ପ୍ରଦାନ କରୁଛି । ପାର୍ବଣ ଋତୁ ପୂର୍ବରୁ ଜିଓ ଲଞ୍ଚ କରିଥିବା ଅଫରଗୁଡ଼ିକ ଏବେ ବି ଉପଲବ୍ଧ । କମ୍ପାନୀ ୧୦୦ ଟଙ୍କା ତଳେ ଯୋଜନା ମଧ୍ୟ ପ୍ରଦାନ କରେ, ଯାହା ଉପଭୋକ୍ତାମାନଙ୍କୁ ଅନେକ ସୁବିଧା ପ୍ରଦାନ କରେ।୧୦୦ ଟଙ୍କା ପ୍ଲାନ: ଜିଓର ଏହି ୧୦୦ ଟଙ୍କିଆ ପ୍ଲାନ ଏକ ନିୟମିତ ରିଚାର୍ଜ ନୁହେଁ, ବରଂ ଏକ ଆଡ-ଅନ୍ ପ୍ୟାକ୍ ଯାହା ବ୍ୟବହାରକାରୀମାନେ ସେମାନଙ୍କର ନିୟମିତ ପ୍ଲାନ ସହିତ ପାଇପାରିବେ । ଏହି ପ୍ଲାନରେ ଉପଲବ୍ଧ ସୁବିଧା ବିଷୟରେ କହିବାକୁ ଗଲେ, ବ୍ୟବହାରକାରୀମାନଙ୍କୁ ୧୦୦ ଟଙ୍କାରେ ୩୦ ଦିନର ବୈଧତା ପ୍ରଦାନ କରାଯାଉଛି ।

# ଟ୍ରମ୍ପଙ୍କୁ ଶାନ୍ତି ପୁରସ୍କାର ପ୍ରଦାନ କଲା ଫିଫା

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଶେଷ ହେଲା ବହୁ ବର୍ଷର ଅପେକ୍ଷା । କିଛି ମାସ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶାନ୍ତି ପୁରସ୍କାର ପାଇଁ ନିଜକୁ ଯୋଗ୍ୟ ବୋଲି କହି ଆସୁଥିବା ବେଳେ ଏବେ ତାଙ୍କର ଏହି ଇଚ୍ଛା ପୂରଣ ହୋଇଛି। ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହେବା ପରେ ଏବେ ଡୋନାଲ୍ଡ ଟ୍ରମ୍ପଙ୍କୁ ଫିଫା ଦ୍ୱାରା ନୂଆ କରି ଆରମ୍ଭ ହୋଇଥିବା ଶାନ୍ତି ପୁରସ୍କାର ଦିଆଯାଇଛି । ଲୋକମାନଙ୍କୁ ଏକତ୍ରିତ କରୁଥିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଆ।ଶା ଆଣିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦେବା ପାଇଁ ଏହି ପୁରସ୍କାର ଆଣିଛି ଫିଫା । ୱାଶିଂଟନରେ ୨୦୨୬ ବିଶ୍ୱକପ୍ ପାଇଁ ଆନୁଷ୍ଠାନିକ ଡ୍ର ସମାରୋହ ସମୟରେ ଏହି ସମ୍ମାନ ଟ୍ରମ୍ପଙ୍କୁ ପ୍ରଦାନ କରାଯାଇଥିଲା, ଯାହାକୁ ଆମେରିକା; ମେକ୍ସିକୋ ଏବଂ କାନାଡା ସହିତ ମିଳିତ



ଭାବରେ ଆୟୋଜନ କରିବ । ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଉଦଘାଟନୀ କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କୁ ପୁରସ୍କାର ପ୍ରଦାନ କରି କହିଥିଲେ । ଏହି ସମୟରେ ସେ ଟ୍ରମ୍ପଙ୍କୁ ଲୋକଙ୍କ ବିଷୟରେ ଚିନ୍ତା କରୁଥିବା ଜଣେ ନେତା ବୋଲି ଅଭିହିତ କରିଥିଲେ । ବିଶ୍ୱସାରା ଶାନ୍ତି ଏବଂ ଏକତାକୁ ପ୍ରୋତ୍ସାହିତ କରିଥିବାରୁ ତାଙ୍କୁ ପ୍ରଶଂସା କରାଯାଇଥିଲା । ପୁରସ୍କାର ଗ୍ରହଣ କରିବା ପରେ ଟ୍ରମ୍ପ କହିଥିଲେ ଯେ, ଫିଫା ଶାନ୍ତି ପୁରସ୍କାର ମୋ ଜୀବନର ସବୁଠୁ ବଡ଼ ସମ୍ମାନ । ଏହି ସମ୍ମାନରେ ସମ୍ମାନିତ ହେବା ପରେ ସେ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପଙ୍କ ସମେତ ତାଙ୍କ ପରିବାରକୁ ଧନ୍ୟବାଦ ଜଣାଇଥିଲେ ଏବଂ ଅନ୍ୟ ଦୁଇ ଆୟୋଜକ ରାଷ୍ଟ୍ରର ନେତା କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଇଭିଏମ୍ ନେଇ ବାପା-ପୁଅ ବିବାଦ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସମ୍ପ୍ରତି ନୂଆଦିଲ୍ଲୀରେ ଆୟୋଜିତ ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ମନ୍ତବ୍ୟ ଦେଇଛନ୍ତି ।ଏହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି । ସେ ଇଭିଏମ୍ ଟ୍ୟାମ୍ପରିଂ ପ୍ରସଙ୍ଗରେ ଏକ ମନ୍ତବ୍ୟ ଦେଇଛନ୍ତି, ଯାହା ବିରୋଧୀଙ୍କ ସାଧାରଣ ମତଠାରୁ ଭିନ୍ନ । ଓମାର ସ୍ପଷ୍ଟ କରିଛନ୍ତି ଯେ, ସେ ଇଭିଏମ୍ ହ୍ୟାକିଂ କୁ ବିଶ୍ୱାସ କରନ୍ତି ନାହିଁ, କିମ୍ବା ସେ ବିଶ୍ୱାସ କରନ୍ତି ନାହିଁ ଯେ, ମେସିନରେ କୌଣସି ଚୋରି ହୁଏ । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରସଙ୍ଗରେ ତାଙ୍କର ମତ ତାଙ୍କ ବାପା ଫାରୁକ ଅବଦୁଲ୍ଲାଙ୍କ ଠାରୁ ଭିନ୍ନ ରହିଛି । ଫାରୁକ ବିଶ୍ୱାସ କରନ୍ତି ଯେ ମେସିନରେ ଟ୍ୟାମ୍ପରିଂ ସମ୍ଭବ । ଓମାର କେବଳ ଏତିକି କହିଥିଲେ ଯେ, ଏହି ପ୍ରସଙ୍ଗ ତାଙ୍କ ଘରେ ମଧ ବିତର୍କ ହେଉଛି । ସେ କାର୍ଯ୍ୟକ୍ରମ ମଞ୍ଚରୁ ତାଙ୍କ ବାପାଙ୍କୁ କ୍ଷମା ମାଗି କହିଥିଲେ ଯେ, ବାପା ଏପରି ଏକ ପିଢ଼ିର ଲୋକ ଯେଉଁମାନେ ଫୋନ୍ ମାଧମରେ ପ୍ରାପ୍ତ ପ୍ରତ୍ୟେକ ସୂଚନାକୁ ବିଶ୍ୱାସ କରନ୍ତି । କିନ୍ତୁ ମୁଁ ଏହା ବିଶ୍ୱାସ କରେ ନାହିଁ । ତେବେ ଓମାର ସ୍ୱୀକାର କରିଥିଲେ ଯେ, ନିର୍ବାଚନକୁ ହ୍ୟାକିଂ ମେସିନ ଦ୍ୱାରା ନୁହେଁ, ବରଂ ଅନ୍ୟ ଉପାୟରେ ପ୍ରତାରଣାମୂଳକ ଭାବରେ ପ୍ରଭାବିତ କରାଯାଇପାରିବ । ଜମ୍ମୁ ଏବଂ କଶ୍ମୀରର ଉଦାହରଣ ଦେଇ ସେ କହିଥିଲେ ଯେ, ଭୋଟର ତାଲିକା ପରିବର୍ତ୍ତନ କରି କିମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରି ସେଠାରେ ଗୋଟିଏ ଦଳକୁ ସମର୍ଥନ କରିବା ପାଇଁ ଚେଷ୍ଟା କରାଯାଇଥିଲା, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଅନୁକୂଳ ନୁହେଁ। ଭାଷଣ ଦେଇ ଓମାର ଅବଦୁଲ୍ଲା ଖୋଲାଖୋଲି ଭାବରେ ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ରଣନୀତିକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଆମକୁ ଆମର ବିରୋଧୀଙ୍କ ଶକ୍ତି ଉପରେ ମଧ ନଜର ପକାଇବା ଉଚିତ । ବିଜେପି ନେତାମାନେ ପ୍ରତ୍ୟେକ ନିର୍ବାଚନକୁ ପୂର୍ଣ୍ଣ ଶକ୍ତି ସହିତ ଲଢ଼ନ୍ତି । ସତେ ଯେପରି ସେମାନଙ୍କର ସମଗ୍ର ଜୀବନ ସେହି ଗୋଟିଏ ନିର୍ବାଚନ ଉପରେ ନିର୍ଭର କରୁଛି । ସେ ତୁଳନା କରି କହିଛନ୍ତି, ବିହାର ନିର୍ବାଚନ ସମାପ୍ତ ହେବା ମାତ୍ରେ, ବିଜେପି ନେତାମାନେ ଅନ୍ୟ ରାଜ୍ୟରେ ପ୍ରଚାର ପାଇଁ ଧାଇଁ ଯାଉଛନ୍ତି। ଯେତେବେଳେ ଆମେ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ଜାଗ୍ରତ ହୋଇଥାଉ । ଏହା ନିର୍ବାଚନ ଫଳାଫଳରେ ପାର୍ଥକ୍ୟ ପାଇଁ ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ବିରୋଧୀ ମେଣ୍ଟ, ଇଣ୍ଡିଆ ବ୍ଲକର ଭବିଷ୍ୟତ ଏବଂ ରଣନୀତି ବିଷୟରେ ଚିନ୍ତା ପ୍ରକାଶ କରି ଓମାର କହିଛନ୍ତି ଯେ, ଆଞ୍ଚଳିକ ଦଳଗୁଡ଼ିକ ଯେତେ ନିଜସ୍ୱ ପ୍ରୟାସ କଲେ ମଧ, ଜାତୀୟ ସ୍ତରରେ ବିଜେପିକୁ ଚ୍ୟାଲେଞ୍ଜ କରିବା ପାଇଁ କଂଗ୍ରେସର ସମର୍ଥନ ଅତ୍ୟାବଶ୍ୟକ । ସେ ସ୍ପଷ୍ଟ କରିଛନ୍ତି, ବିଜେପି ପରେ, ସମଗ୍ର ଦେଶରେ କେବଳ କଂଗ୍ରେସର ଏକ ବ୍ୟାପକ ସମର୍ଥନ ଆ।ଧାର ଅଛି । ତେଣୁ, ଯେକୌଣସି ଶକ୍ତିଶାଳୀ ମେଣ୍ଟ କଂଗ୍ରେସ ଚାରିପାଖରେ ଗଢ଼ିବାକୁ ପଡିବ ।

# ଶ୍ୱାସରୁଦ୍ଧ ହୋଇ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଦେଶର ରାଜଧାନୀ ଦିଲ୍ଲୀର ଟିକରୀ କଲାଂ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହୃଦୟବିଦାରକ ଘଟଣା ଘଟିଛି । ଏକ ଗ୍ରୋସରୀ ଦୋକାନରେ ଲାଗିଥିବା ନିଆଁ ଯୋଗଁ ସ୍ୱାମୀ ସ୍ତ୍ରୀଙ୍କର ଦୁଃଖଦ ମୃତ୍ୟୁ ହୋଇଛି । ଦମ୍ପତିଙ୍କ ପରିଚୟ ମିଳିଛି। ସେମାନେ ହେଲେ ୩୧ ବର୍ଷୀୟ ବିନୀତ ଓ ତାଙ୍କର ୨୯ ବର୍ଷୀୟା ପତ୍ନୀ ରେଣୁ । ଉଭୟ ମୂଳତଃ ଉତ୍ତର ପ୍ରଦେଶର ଶାହଜହାନପୁର ଜିଲ୍ଲା ନିବାସୀ ଥିଲେ ଏବଂ ଦିଲ୍ଲୀରେ ଗ୍ରୋସରୀ ଦୋକାନ କରିଥିଲେ । ପୁଲିସ ଅନୁସାରେ , ଶୁକ୍ରବାର ରାତିରେ ଏକ ପିସିଆର କଲ୍ ମିଳିଥିଲା ,ଯେଉଁଥିରେ କୁହାଯାଇଥିଲା ଯେ, ଏକ ଦୋକାନରୁ ଧୂଆଁ ଓ ନିଆଁର ଆସ୍ତରଣ ବାହାରୁଛି । ସୂଚନା ପାଇବା କ୍ଷଣି ପୁଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଥିଲା । ଯେବେ ପୁଲିସ ଦୋକାନରେ ପହଞ୍ଚିଲା ଦେଖିଲା, ଦୋକାନର ସଟର ଅଧା ବନ୍ଦ ଥିଲା ଏବଂ ଭିତରେ ଧୂଆଁ ଭର୍ତ୍ତି ହୋଇଥିଲା । ପ୍ରାରମ୍ଭିକ ତଦନ୍ତରେ ଜଣାପଡ଼ି ଥିଲା ଯେ,ଦୋକାନର କାଉଣ୍ଟର ଏରିଆରେ ସର୍ଟ ସର୍କିଟ୍ ହେବାରୁ ନିଆଁ ଲାଗିଥିଲା । କାଉଣ୍ଟରର ଆଖପାଖରେ ରଖିଥିବା ପ୍ଲାଷ୍ଟିକର ପ୍ୟାକେଟରେ ନିଆଁ ଖୁବ୍ ଜୋରରେ ବ୍ୟାପି ଗଲା ଏବଂ ଦୋକାନ ଧୂଆଁରେ ଭରି ଯାଇଥିଲା । ଏହି ସମୟରେ ଦୋକାନର ସଟରରେ କରେଣ୍ଟ ଆସି ଯାଇଥିଲା , ଯେଉଁଥି ପାଇଁ ଦମ୍ପତି ସଟର ଖୋଲି ବାହାରକୁ ଆଉ ଆସି ପାରି ନଥିଲେ ।ପୁଲିସ ଅଧିକାରୀଙ୍କ ଅନୁସାରେ , ସଟରରେ ବିଦ୍ୟୁତ୍ କରେଣ୍ଟ ପ୍ରବାହିତ ହେବାରୁ ଦମ୍ପତି ଭିତରେ ଫସି ରହିଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ଯେତେବେଳେ ପୁଲିସ ଟିମ୍ ସଟରକୁ ଠେଙ୍ଗା ସାହାଯ୍ୟରେ ଖୋଲି ଉଭୟଙ୍କୁ ବେହୋସ ସ୍ଥିତିରେ ବାହାର କରାଯାଇ ଥିଲା । ତାପରେ ସଙ୍ଗେ ସଙ୍ଗେ ଦୁହିଁଙ୍କୁ ବହାଦୁରଗଡ଼ ସ୍ଥିତ ଅସ୍କାର ହସ୍ପିଟାଲ ନିଆ ଯାଇଥିଲା, ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ବର୍ତ୍ତମାନ ପୁଲିସ ଆଗାମୀ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଦେଇଛି । ଏହି ଦୁର୍ଘଟଣା ଆଖପାଖର ଲୋକଙ୍କୁ ଖୁବ୍ ଦୁଃଖ ଦେଇଛି ।

# ଭାରତକୁ କ୍ଷମା ମାଗନ୍ତୁ ଟ୍ରମ୍ପ, ମୁନିରଙ୍କୁ କରାଯାଉ ଗିରଫ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଜଣେ ପୂର୍ବତନ ଶୀର୍ଷ ଆମେରିକୀୟ ଅଧିକାରୀ ପାକିସ୍ତାନ ଏବଂ ଅସୀମ ମୁନିରଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛନ୍ତି । ପୂର୍ବତନ ପେଣ୍ଟାଗନ ଅଧିକାରୀ ମାଇକେଲ ରୁବିନ୍ ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ବୋଲି କହିଥିଲେ ଏବଂ ଅସୀମ ମୁନିରଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ପୂର୍ବତନ ପେଣ୍ଟାଗନ ଅଧିକାରୀ ରୁବିନ୍ କହିଛନ୍ତି, ଆମେରିକା ପାକିସ୍ତାନକୁ ଆଲିଙ୍ଗନ କରିବାର କୌଣସି ରଣନୈତିକ ଯୁକ୍ତି ନାହିଁ।ରୁବିନ୍ କହିଛନ୍ତି, ପାକିସ୍ତାନକୁ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଦେଶ ଘୋଷଣା କରାଯିବା ଉଚିତ । ଯଦି ଅସୀମ ମୁନିର ଆମେରିକା ଆସନ୍ତି, ତେବେ ତାଙ୍କୁ ସମ୍ମାନିତ କରିବା ପରିବର୍ତ୍ତେ ଗିରଫ କରାଯିବା ଉଚିତ । ଆମକୁ ପରଦା ପଛରେ ନୀରବ କୂଟନୀତି



ଆବଶ୍ୟକ ।ପୂର୍ବତନ ପେଣ୍ଟାଗନ ଅଧିକାରୀ କହିଛନ୍ତି, ଗତ ବର୍ଷ ଧରି ଆମେ ଭାରତ ସହିତ ଯେଉଁଭଳି ବ୍ୟବହାର କରିଛୁ ସେଥିପାଇଁ ଆମେରିକା ଖୋଲାଖୋଲି କ୍ଷମା ମାଗିବା ଉଚିତ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମା ମାଗିବାକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଆମେରିକାର ଗଣତନ୍ତ୍ରର ସ୍ୱାର୍ଥ ଜଣେ ବ୍ୟକ୍ତିଙ୍କ ଅହଂକାର ଅପେକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ, ସେ ଯେତେ ବଡ଼ ହେଉନା କାହିଁକି । ରୁବିନ୍ ଭାରତ-ରୁଷ ସମ୍ପର୍କ ଉପରେ ମଧ ସ୍ପଷ୍ଟବାଦୀ ରହିଆସିଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ସମ୍ପର୍କରେ ରୁବିନ୍ କହିଛନ୍ତି, ଭାରତ ଏବଂ ରୁଷକୁ ଏକାଠି କରିବା ପାଇଁ ଡୋନାଲ୍ଡ ଟ୍ରମ୍ପ ନୋବେଲ ପୁରସ୍କାର ପାଇବାର ଯୋଗ୍ୟ । ସେ ଆହୁରି କହିଛନ୍ତି, ରୁଷର ଦୃଷ୍ଟିକୋଣରୁ, ଏହି ଗସ୍ତ ବହୁତ ସକାରାତ୍ମକ । ଭାରତ ଭ୍ଲାଦିମିର ପୁଟିନଙ୍କୁ ଏପରି ଏକ ସମ୍ମାନ ଦେଇଛି ଯାହା ସେ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ କ୍ୱଚିତ୍ ପାଇବେ । ମୁଁ କହିବି ଯେ ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ରୁଷକୁ ଏକାଠି କରିବା ପାଇଁ ନୋବେଲ ପୁରସ୍କାର ପାଇବାର ଯୋଗ୍ୟ । ଏହି ବୁଝାମଣାପତ୍ର ମଧ୍ୟରୁ କେତେଟି ପ୍ରକୃତରେ ସମାପ୍ତ ହେବ, ବର୍ତ୍ତମାନ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ମଧ୍ୟରୁ କେତେଟି ପ୍ରକୃତରେ ସ୍ୱାର୍ଥର ଏକତ୍ରୀକରଣ ଦ୍ୱାରା ପରିଚାଳିତ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାରତକୁ କିପରି ଅଧିକ ବ୍ୟାପକ ଭାବରେ ବ୍ୟବହାର କରିଛନ୍ତି ତାହା ପ୍ରତି ଶତ୍ରୁତା ଦ୍ୱାରା ପରିଚାଳିତ ।

# ସଞ୍ଚାର ସାଥୀରୁ ୟୁଟର୍ଣ୍ଣ ପରେ କେନ୍ଦ୍ରର ଆଉ ଏକ ବଡ଼ ଯୋଜନା

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** ଭାରତ ସରକାର ଦେଶରେ ବିକ୍ରି ହେଉଥିବା ସମସ୍ତ ସ୍ମାର୍ଟଫୋନରେ ସବୁବେଳେ ଚାଲୁ ରହୁଥିବା ସାଟେଲାଇଟ୍ ଲୋକେସନ୍ ଟ୍ରାକିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବାକୁ ବିଚାର କରୁଛନ୍ତି । ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଅପରାଧୀଙ୍କ ସଠିକ୍ ଠିକଣା ଜାଣିବାରେ ସାହାଯ୍ୟ କରିବା ପାଇଁ ଦୂରସଞ୍ଚାର ଉଦ୍ୟୋଗ ସଂଘ ସିଓଏଆଇ ପକ୍ଷରୁ ଏହି ପ୍ରସ୍ତାବ ଆସିଛି । କିନ୍ତୁ ଗୁଗୁଲ୍, ଆପଲ୍ ଏବଂ ସାମସଙ୍ଗ୍ ଭଳି ବଡ଼ ସ୍ମାର୍ଟଫୋନ୍ କମ୍ପାନି ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଛନ୍ତି। ସେମାନଙ୍କ କହିବାନୁଯାୟୀ, ଏହା ଉପଭୋକ୍ତାମାନଙ୍କର ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ କ୍ଷତି ପହଞ୍ଚାଇବ । ଏହି ପଦକ୍ଷେପ ଫୋନଗୁଡ଼ିକୁ ଏକ 'ସ୍ୱତନ୍ତ୍ର ନଜର ରଖିବା ଉପକରଣ'ଭାବରେ ପରିଣତ କରିବ । କମ୍ପାନିଗୁଡ଼ିକ ସରକାରଙ୍କୁ ଚିଠି ଲେଖି କହିଛନ୍ତି,




ଏପରି କୌଣସି ନିୟମ ଦୁନିଆରେ ଅନ୍ୟ କେଉଁଠାରେ ନାହିଁ । ଟ୍ରାକିଂ ସମୟରେ ଉପଭୋକ୍ତାଙ୍କୁ ସତର୍କ କରାଉଥିବା ପପ୍-ଅପ୍ ମେସେଜକୁ ନିଷ୍କ୍ରିୟ କରିବାର ପ୍ରସ୍ତାବକୁ ମଧ କମ୍ପାନୀଗୁଡ଼ିକ ଅଗ୍ରାହ୍ୟ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ ଅଫ୍ ଇଣ୍ଡିଆ ସରକାରଙ୍କୁ ପ୍ରସ୍ତାବ ଦେଇଛି , ଯଦି ସରକାର ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକୁ ଅନ୍ କରିବାକୁ ନିର୍ଦ୍ଦେଶ ଦିଅନ୍ତି , ତେବେ ହିଁ ସଠିକ୍ ଉପଭୋକ୍ତାଙ୍କ ସ୍ଥାନ ଜଣାପଡିବ । ଏଥିପାଇଁ ଫୋନର ଲୋକେସନ୍ ସବୁବେଳେ ଅନ୍ ରହିବ ଏବଂ ବ୍ୟବହାରକାରୀଙ୍କ ପାଖରେ ଏହାକୁ ବନ୍ଦ କରିବାର କୌଣସି ବିକଳ୍ପ ରହିବ ନାହିଁ। ଆଇଏଫଏ କହିଛି, ପ୍ରସ୍ତାବ ଅନେକ ଆଇନଗତ, ଗୋପନୀୟତା ଏବଂ ଜାତୀୟ ସୁରକ୍ଷା ଚିନ୍ତା ସୃଷ୍ଟି କରୁଛି । ବ୍ୟବହାରକାରୀଙ୍କ ମଧ୍ୟରେ ସାମରିକ ଅଧିକାରୀ, ବିଚାରପତି ଏବଂ ସାମ୍ବାଦିକ ଅନ୍ତର୍ଭୁକ୍ତ ।



# ସର୍ବାଧିକ ସୌର କୃଷି ପମ୍ପ ସ୍ଥାପନ କରି ବିଶ୍ୱ ରେକର୍ଡ

**ଭୁବନେଶ୍ୱର, ୭।୧୨ (ନି.ପ୍ର) :** ମହାରାଷ୍ଟ୍ର ଷ୍ଟେଟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଲିମିଟେଡ (ଏମଏସଇଡିସିଏଲ) ସଫଳତାର ସହ କେବଳ ୩୦ ଦିନରେ ୪୫,୯୧୧ଟି ଅଫ୍-ଗ୍ରିଡ ସୋଲାର ଆଗ୍ରିକଲ୍ଚରାଲ (ସୌର କୃଷି) ପମ୍ପ ସ୍ଥାପନ କରି ଗିନିସ ୱାର୍ଲ୍ଡ ରେକର୍ଡ ହାସଲ କରିଛି। ଏହା ମହାରାଷ୍ଟ୍ରକୁ ଭାରତରେ ଦ୍ରୁତତମ-ନିୟୋଜିତ ସୌର କୃଷି ରାଜ୍ୟ ଓ ବିଶ୍ୱ ସ୍ତରରେ ଚୀନ୍ ପରେ ୨ୟ ଦେଶ ଭାବେ ଅବସ୍ଥାପିତ କରିଛି। ଏମଏସଇଡିସିଏଲର ପରିଚାଳନାଗତ ଉତ୍କର୍ଷତା ଓ କୃଷକ-କୈନ୍ଦ୍ରିତ ମଡେଲ ଏହି ଐତିହାସିକ ସଫଳତା ହାସଲ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଭଳି ପଦକ୍ଷେପଗୁଡିକ ମାଧ୍ୟମରେ ଏମଏସଇଡିସିଏଲ ସୌର ଜଳସେଚନ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଏକ ବିସ୍ତୃତ ଓ ପ୍ରତିକୃତିଯୋଗ୍ୟ ମଡେଲ ସ୍ଥାପନ କରିଛି, ଯାହା ମଜବୁତ ବ୍ୟବସ୍ଥା, ବାସ୍ତବ ସମୟର ତଦାରଖ ଓ କୃଷକ-ପ୍ରଥମ କାର୍ଯ୍ୟକାରିତା କିଭଳି ପରିବର୍ତ୍ତନଶୀଳ ପ୍ରଭାବଗୁଡିକୁ ପରିଚାଳନା କରିପାରିଥାଏ ତାହାକୁ ପ୍ରଦର୍ଶିତ କରିଥାଏ। ବର୍ତ୍ତମାନ ସୁଦ୍ଧା ୭.୪ ଲକ୍ଷରୁ ଅଧିକ ସୋଲାର ପମ୍ପ ସ୍ଥାପନ କରାଯିବା ଓ ୧୦.୪୫ ଲକ୍ଷ ପମ୍ପର ଏକ ଲକ୍ଷ୍ୟ ସହିତ ଏମଏସଇଡିସିଏଲ ଭାରତର କୃଷି କ୍ଷେତ୍ରରେ ଅନ୍ୟତମ ସର୍ବବୃହତ ନବୀକରଣଯୋଗ୍ୟ ଶକ୍ତି ରୂପାନ୍ତରଣର ନେତୃତ୍ୱ ନେଉଛି, ଏହା ଏଭଳି ଏକ ମଡେଲ ସୃଷ୍ଟି କରିଛି ଯାହାକୁ ରାଜ୍ୟଗୁଡିକରେ ଓ ଆନ୍ତର୍ଜାତୀୟ ସ୍ତରରେ ନକଲ କରାଯାଇପାରିବ।




ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନବିସ କହିଛନ୍ତି, ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ତାଙ୍କ ପରିବର୍ତ୍ତନଶୀଳ ପିଏମ-କୁସୁମ ପଦକ୍ଷେପ ଅଧିନରେ, ମହାରାଷ୍ଟ୍ର ସ୍ୱଚ୍ଛ, କୃଷକ-କେନ୍ଦ୍ରିତ ଜଳସେଚନ ଦିଗରେ ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଛି। ଏକ ମାସରେ ଆମେ ରାଜ୍ୟରେ ୪୫,୯୧୧ରୁ ଅଧିକ ସୋଲାର ପମ୍ପ ସ୍ଥାପନ କରିଛୁ। ଏହି ସଫଳତା ଜଳସେଚନ ସୁରକ୍ଷା ନିଶ୍ଚିତ କରିଛି, ଉତ୍ପାଦକତା ଓ କୃଷକଙ୍କ ଆୟ ବୃଦ୍ଧି କରିଛି ଏବଂ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଛି। ସେହିପରି ଏମଏସଇଡିସିଏଲର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଆଇଏଏସ ଶ୍ରୀ ଲୋକେଶ ଚନ୍ଦ୍ର କହିଛନ୍ତି, 'ଏହି ସଫଳତା ଦକ୍ଷ ସ୍କିମ ଡିଜାଇନ, ସ୍ୱଚ୍ଛ ବିକ୍ରେତା ତାଲିକାଭୁକ୍ତୀକରଣ ଓ କଠୋର ସେବା-ସ୍ତରୀୟ ଅନୁପାଳନ ଯୋଗୁଁ ସମ୍ଭବ ହୋଇଛି। ପ୍ରତ୍ୟେକ ବିକ୍ରେତା ୩ ଦିନ ମଧ୍ୟରେ କୃଷକଙ୍କ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବାଧ୍ୟ ଅଟନ୍ତି, ଯେଉଁଥିରେ ବିଫଳ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲା ଏମ୍ଏସଇଡିସିଏଲ ପାଖକୁ ଯିବ। ରାଜ୍ୟ ସରକାର ଅଫ୍-ଗ୍ରିଡ ସୋଲାର ପମ୍ପ ମାଧ୍ୟମରେ ନୂଆ କୃଷି ସଂଯୋଗ ରିଲିଜ କରିବା , ସମ୍ପୂର୍ଣ୍ଣ ରୂପେ ସୋଲାର-ଆଧାରିତ ସମାଧାନକୁ ସ୍ଥାନାନ୍ତର ହେବା ପାଇଁ ଏକ ନୀତି ଆପଣାଇଛନ୍ତି।

# ସାଓମି ଇଣ୍ଡିଆ ରେଡମି ୧୫ସି ୫-ଜି ର ଶୁଭାରମ୍ଭ

**ଭୁବନେଶ୍ୱର, ୭।୧୨ (ନି.ପ୍ର) :** ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ସି ୫ଜିର ଶୁଭାରମ୍ଭ କରାଯାଇଛି । ଏହି ସ୍ମାର୍ଟଫୋନରେ ଆକର୍ଷଣୀୟ ଡିଜାଇନ ସହ ୧୭.୫୩ ସେ.ମି. ଇମର୍ସିଭ ଡିସପ୍ଲେ ରହିଛି । ରେଡମି ୧୫ସି ୫ଜି ରେ ସ୍ଲିମ୍ ଏବଂ ଆକର୍ଷଣୀୟ ବଡି, ୩ଡି କ୍ୱାଡ୍-କର୍ଭ୍ଡ୍ ବ୍ୟାକ ଡିଜାଇନ ରହିଛି । ଏଥିରେ ବିଶେଷ 'ଫ୍ଲୋଟିଂ କ୍ରାଟେର କ୍ୟାମେରା ଡିଜାଇନ୍ ମଧ୍ୟ ରହିଛି। ଏହି ସ୍ମାର୍ଟଫୋନଟି ମୁନଲାଇଟ ବ୍ଲୁ, ଡସ୍କ ପର୍ପଲ ଏବଂ ମିଡ ନାଇଟ ପର୍ପଲ ରଙ୍ଗରେ ଉପଲବ୍ଧ । ମୁନଲାଇଟ ବ୍ଲୁ ରଙ୍ଗଟିକୁ ବିଶେଷ ଡୁଆଲ୍-କଲର୍ ମ୍ୟାଗ୍ନେଟିକ୍ ଇଙ୍କ୍ ପ୍ରୋସେସ୍ ଦ୍ୱାରା ତିଆରି କରାଯାଇଛି। ଏହା ସହିତ ୧୭.୫୩ ସିଏମ ଏଚଡି+ ଡିସପ୍ଲେ ସହ ୧୨୦ ଏଚଜେଡ ଆଡପଟିଭ ସିଙ୍କ ସରଳ ଏବଂ ପ୍ରତିକ୍ରୀୟାଶିଳ ଛବି ପ୍ରଦାନ କରେ। ଯେବେକି ୫୦ ଏମପି ଏଆଇ ଡୁଆଲ କ୍ୟାମେରା ଦିନର ଆଲୋକ, ଘର ଭିତରେ ଏବଂ ଅଳ୍ପ ଅଲୋକ ପରିସ୍ଥିତିରେ ମଧ୍ୟ ରଙ୍ଗିନ ଫଟୋଗ୍ରାଫି ସୁନିଶ୍ଚିତ କରେ । ଏହି ଶୁଭାରମ୍ଭ ଅବସରରେ ସାଓମି ଇଣ୍ଡିଆର ମୁଖ୍ୟ ବାଣିଜ୍ୟକ ଅଧିକାରୀ ଶ୍ରୀ ଅନୁଜ ଶର୍ମା କହିଛନ୍ତି ଯେ, 'ରେଡମି ୧୫ସି ୫ଜି ସହିତ, ଆମର ଲକ୍ଷ୍ୟ ଥିଲା ଏମିତି ଏକ ଫୋନ୍ ତିଆରି କରିବା, ଯାହା ପ୍ରତିଦିନ ବ୍ୟବହାରକାରୀଙ୍କ ହାତରେ ସହଜ ଏବଂ ସ୍ୱଭାବିକ ଲାଗିବ।'




ଏଥିରେ ଥିବା ବଡ଼ ୬୦୦୦ ଏମଏଏଚ ବ୍ୟାଟେରି ଦୀର୍ଘ ସମୟ ପର୍ଯ୍ୟନ୍ତ ଫୋନ୍‌କୁ ଚାଲୁ ରଖେ, ଯାହା ୨୩ ଘଂଟା ପର୍ଯ୍ୟନ୍ତ ଭିଡିଓ ପ୍ଲେବ୍ୟାକ୍ ଏବଂ ୧୦୬.୯ ଘଂଟା ସଙ୍ଗୀତ ସମର୍ଥନ କରେ। ୩୩ଡବ୍ଲୁ ଟର୍ବୋ ଚାର୍ଜିଂ ସହିତ ଫୋନ୍‌ଟି କେବଳ ୨୮ ମିନିଟ୍‌ରେ ୫୦% ଚାର୍ଜ୍ ହୋଇଯାଏ, ଏବଂ ୧୦ଡବ୍ଲୁ ରିଭର୍ସ୍ ଚାର୍ଜିଂ ଚଳିତାବସ୍ଥାରେ ଅଧିକ ସୁବିଧା ଦେଇଥାଏ। ବକ୍ସ୍‌ରେ ୩୩ଡବ୍ଲୁ ଚାର୍ଜ ମଧ୍ୟ ମିଳେ। ମିଡିଆଟେକ ଡାଇମେନସିଟି ୬୩୦୦ ଅକ୍ଟା-କୋର୍ ପ୍ରୋସେସର ଦ୍ୱାରା ଚାଳିତ, ରେଡମି ୧୫ସି ୫ଜି ସ୍ମୁଥ ମଲ୍ଟିଟାସ୍କିଂ ପରଫର୍ମାନ୍ସ ଦେଇଥାଏ। ଏଥିରେ ୧୬ଜିବି ପର୍ଯ୍ୟନ୍ତ ରାମ (ମେମୋରି ଏକ୍ସଟେନ୍ସନ୍ ସହିତ) ଏବଂ ୧ଟିବି ପର୍ଯ୍ୟନ୍ତ ସଂପ୍ରସାରିତ ଷ୍ଟୋରେଜ୍ ରହିଛି। ଏହା ସାଓମି ହାଇପରଓଏସ ୨ ରେ ଚାଲେ, ଯେଉଁଥିରେ ସର୍କଲ ଟୁ ସର୍ଚ୍ଚ ୱିଥ ଗୁଗୁଲ, ଗୁଗୁଲ୍ ଜେମିନି ଏବଂ ସାଓମି ର କଲ ସିଙ୍କ ଓ ସେୟାର୍ଡ କ୍ଲିପବୋର୍ଡ ଭଳି ସ୍ମାର୍ଟ୍ ବୈଶିଷ୍ଟ୍ୟ ରହିଛି। ଏହି ରେଡମି ୧୫ସିର ୪ଜିବି +୧୨୮ଜିବି ଭ୍ୟାରିଏଂଟର ମୂଲ୍ୟ ଟଙ୍କା.୧୨,୪୯୯, ୬ଜିବି+୧୨୮ଜିବି ଭ୍ୟାରିଏଂଟର ମୂଲ୍ୟ ଟଙ୍କା.୧୩,୯୯୯ ରହିଛି ଏବଂ ୮ଜିବି + ୧୨୮ଜିବି ଭ୍ୟାରିଏଂଟର ମୂଲ୍ୟ ଟଙ୍କା.୧୫,୪୯୯ ରହିଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ବ୍ରହ୍ମପୁର,୭।୧୨ (ନି.ପ୍ର) :** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁରସ୍ଥିତ-ହେଲେନ୍ କେଲର୍ ରେଡକ୍ରସ୍ ସ୍କୁଲ୍ ଫର୍ ଦି ଡେଫ୍, ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଅଧିନରେ ସାମାଜିକ ପ୍ରଗତି କ୍ଷେତ୍ରରେ ଭିନ୍ନକ୍ଷମ ସଂପ୍ରଦାୟଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଭଳି ପ୍ରସଙ୍ଗରେ ବିଦ୍ୟାଳୟରେ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହାସହ ପିଲାମାନଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହ ସହକାରେ ଯୋଗ ଦେଇଛନ୍ତି । ଜନୈକ ଛାତ୍ର ଆୟୁଷ୍ମାନ ବେହେରା କହିଛନ୍ତି, 'ପୋଷ୍ଟର ତିଆରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିଥିବାରୁ ମୁଁ ଖୁସି । ଏହି କାର୍ଯ୍ୟକ୍ରମ ମୋତେ ଅଧିକ ଆତ୍ମବିଶ୍ୱାସୀ କରିଛି।



ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'ଅନ୍ତର୍ଭୁକ୍ତୀକରଣ ଜୀବନ ପ୍ରକ୍ରିୟାର ଏକ ପ୍ରମୁଖ ମୂଲ୍ୟବୋଧ । ପ୍ରତ୍ୟେକ ବ୍ୟକ୍ତିର ଦକ୍ଷତା ସ୍ୱତନ୍ତ୍ର ଓ ସମାଜର ସାମଗ୍ରିକ ସମୃଦ୍ଧିରେ ସେହି ଦକ୍ଷତାର ବ୍ୟବହାର ରହିଛି । ସମସ୍ତଙ୍କୁ ସମାନ ସୁଯୋଗ ଓ ସଶକ୍ତ କରିବା ନିମନ୍ତେ ସମାନ ପରିବେଶ ଯୋଗାଇବା ଭଳି ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ସଦାସର୍ବଦା ଆଗଭର ରହିଛି। ନିରନ୍ତର ଶିକ୍ଷା, ଦକ୍ଷତା ବିକାଶ ଓ ସଶକ୍ତିକରଣ ଭଳି ପଦକ୍ଷେପ ମାଧ୍ୟମରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହ ସାମାଜିକ ସମାନତା ସୃଷ୍ଟି ଦିଗରେ କମ୍ପାନୀ ପ୍ରଚେଷ୍ଟା କରୁଛି । ଭିନ୍ନକ୍ଷମ ଦିବସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମ କମ୍ପାନୀର ସାମାଜିକ ବିବିଧତା ଓ ବ୍ୟକ୍ତି ଅଭିବୃଦ୍ଧିର ମୂଲ୍ୟବୋଧ ପ୍ରତି ସମର୍ଥନକୁ ଦର୍ଶାଉଛି ।

# ୬ ମିଲିୟନରୁ ଅଧିକ ଷ୍ଟାଇଲ ଆଣିଛି ମିନ୍ତ୍ରା ଇଓଆରଏସ-୨୩

**ଭୁବନେଶ୍ୱର, ୭।୧୨ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ପ୍ଲାଟଫର୍ମ ମିନ୍ତ୍ରା ଏହାର ପ୍ରମୁଖ ଫ୍ୟାଶନ ଇଭେଂଟ ଏଣ୍ଡ ଅଫ୍ ରିଜନ ସେଲ (ଇଓଆରଏସ)ର ୨୩ତମ ସଂସ୍କରଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଡିସେମ୍ବର ୫ ତାରିଖରୁ ଆରମ୍ଭ ହେଉଛି। ଏଥିରେ ୧୦,୦୦୦ରୁ ଅଧିକ ଆନ୍ତର୍ଜାତୀୟ, ଘରୋଇ ଓ ହୋମ୍‌ଗ୍ରୋନ ବ୍ରାଣ୍ଡଗୁଡିକରୁ ୬ ମିଲିୟନରୁ ଅଧିକ ଷ୍ଟାଇଲର ଏକ ବିସ୍ତୃତ କଲେକ୍ସନ ରହିଛି । ଏହି ସଂସ୍କରଣରେ ଗ୍ରାହକମାନେ ଏହାର 'ପ୍ରାଇସ କ୍ରାଶ୍' କ୍ୟାମ୍ପେନ ମାଧ୍ୟମରେ ଆକର୍ଷଣୀୟ ମୂଲ୍ୟରେ ଉଚ୍ଚମାନର ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ଆସର୍ଟମେଂଟଗୁଡିକୁ ଉପଲବ୍ଧ କରିପାରିବେ । ଭିଆଇପି-ଓନ୍‌ଲି ସ୍ପେଶାଲ ଅଫର, ଭିଆଇପି ୱିକେଣ୍ଡ ଲାଭ ଭଳି ସୁବିଧା ମଧ୍ୟ ରହିଛି। ମିନ୍ତ୍ରା ଏହି ଇଓଆରଏସ ପାଇଁ ଫାଷ୍ଟ୍ ଡେଲିଭରିକୁ ପ୍ରାଥମିକତା ଦେଉଛି, ଯାହା ବିକ୍ରି ଅର୍ଡରଗୁଡିକୁ ଯେତେ ଶୀଘ୍ର ସମ୍ଭବ ଗ୍ରାହକଙ୍କ ନିକଟରେ ପହଂଚାଇବା ପାଇଁ ଲକ୍ଷ୍ୟ ରଖିଛି। ଇଓଆରଏସ-୨୩ ସପରଙ୍କ ପାଇଁ ନୂଆ ଲଂଚଗୁଡିକର ଏକ ସିରିଜ୍‌ର ଶୁଭାରମ୍ଭ କରିଛି ଯାହା ଫ୍ୟାଶନ, ବିୟୁଟି, ହୋମ୍ ଓ ଡି୨ସି ବ୍ରାଣ୍ଡ ବର୍ଗରେ ପରିବ୍ୟାପ୍ତ ରହିଛି। ଇଓଆରଏସ-୨୩ରେ ଗ୍ରାହକମାନେ ଆଇସିଆଇସିଆଇ, ଆରବିଏଲରେ ୧୦% ତତ୍କାଳ ରିହାତି, ପେଟିଏମ ୟୁପିଆଇ ଉପରେ ନିଶ୍ଚିତ କ୍ୟାଶବ୍ୟାକ ଏବଂ ଫ୍ଲିପକାର୍ଟ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡ ଉପରେ ଫ୍ଲାଟ ୭.୫% କ୍ୟାଶବ୍ୟାକ ପାଇପାରିବେ।




ଇଓଆରଏସର ୨୩ତମ ସଂସ୍କରଣ ସମ୍ପର୍କରେ ମିନ୍ତ୍ରାର ରେଭେନ୍ୟୁ ଆଣ୍ଡ ଗ୍ରୋଥ୍ ବିଭାଗର ମୁଖ୍ୟ ଭାରତ କୁମାର କହିଛନ୍ତି, 'ଇଓଆରଏସ-୨୩ ସହ ଆମେ ଗ୍ରାହକଙ୍କୁ ଚମତ୍କାର ମୂଲ୍ୟରେ ଟ୍ରେଣ୍ଡ-ଫରୱାର୍ଡ ଷ୍ଟାଇଲର ଏକ ବିସ୍ତୃତ ଚୟନ ପ୍ରଦାନ କରି ଆନନ୍ଦିତ। ଏହି ସଂସ୍କରଣ ନୂଆ ଲଂଚ, ସିଜ୍‌ନାଲ ସିଲେକ୍ସନ ଓ ସହଜ ସପିଙ୍ଗ ଅନୁଭୂତିର ଏକ ଦୃଢ ସମ୍ମିଶ୍ରଣକୁ ଏକାଠି କରିଛି, ଯାହା ହାଇପର-ସ୍ପିଡ ଡେଲିଭରି ଓ ଟେକ୍ନୋଲୋଜି-ଚାଳିତ ନିମଜ୍ଜିତ ଡିସ୍କଭରି ଫର୍ମାଟ ଦ୍ୱାରା ସମର୍ଥିତ। ବର୍ଷ ଶେଷର ବିବାହ, ପାର୍ବଣ ସମାରୋହ, ଶୀତକାଳିନ ଅପ୍‌ଡେଟ, ଭ୍ରମଣ ଯୋଜନା ଓ ଉପହାର ମୁହୂର୍ତ୍ତଗୁଡିକର ଏକ ପ୍ୟାକ୍‌ଡ କ୍ୟାଲେଣ୍ଡର ପାଇଁ ଗ୍ରାହକମାନେ ପ୍ରସ୍ତୁତ ହେଉଥିବାରୁ, ଇଓଆରଏସ-୨୩କୁ ସଠିକ ମୂଲ୍ୟରେ ସଠିକ ଚୟନ ସହିତ ଏଭଳି ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି । ଏହି ପ୍ଲାଟଫର୍ମ ଫୁଲ୍‌ଫିଲମେଂଟକୁ ଉନ୍ନତ କରିବା ପାଇଁ ଏହାର ଯୋଗାଣ ଶୃଙ୍ଖଳା, ଲଜିଷ୍ଟିକ ଓ ଟେକ୍ନୋଲୋଜିକୁ ସୁଦୃଢ କରିବା କ୍ଷେତ୍ରରେ ବହୁମାତ୍ରାରେ ନିବେଶ କରୁଛି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଏସବିଆଇର ସହଭାଗୀତା

**ଭୁବନେଶ୍ୱର, ୭।୧୨ (ନି.ପ୍ର) :** ଭାରତର ଅଗ୍ରଣୀ ସାଧାରଣ ବୀମା କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଆୟୋଜିତ ଆଗାମୀ ଫସଲ ବୀମା ସପ୍ତାହରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ସହଭାଗୀ ହୋଇଛି। ଏହି ସପ୍ତାହର ଲକ୍ଷ୍ୟ ହେଉଛି ଫସଲ ବୀମାର ଗୁରୁତ୍ୱ ବିଷୟରେ କୃଷକମାନଙ୍କର ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା, ଯାହା ଦ୍ୱାରା ସେମାନେ ସେମାନଙ୍କର କୃଷି ଜୀବିକା ସୁରକ୍ଷିତ କରିପାରିବେ।

SBI general INSURANCE
SURAKSHA AUR BHAROSA DONO

ଏହି ପଦକ୍ଷେପ ଅଧୀନରେ, କମ୍ପାନୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଆସାମ ଏବଂ ତାମିଲନାଡୁର ବିଭିନ୍ନ ଜିଲ୍ଲାଗୁଡ଼ିକରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକଳାପ ଆୟୋଜନ କରିବ। କୃଷକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଫସଲ ବୀମା ଯୋଜନାର ବୈଶିଷ୍ଟ୍ୟ, କଭରେଜ୍ ବିବରଣୀ, ନାମଲେଖା ନିୟମ ଏବଂ ଦାବି ପ୍ରକ୍ରିୟା ବିଷୟରେ ସେମାନଙ୍କୁ ଶିକ୍ଷା ଦେବା ପାଇଁ ବ୍ୟାପକ କାର୍ଯ୍ୟକଳାପ ଆୟୋଜନ ଯୋଜନା କରାଯାଇଛି। ଏଥିରେ ଫସଲ ବୀମା ସ୍କୁଲ, ଚାଷୀ କର୍ମଶାଳା, ଚାଷୀ ମେଳା ଏବଂ ମହିଳା ଚାଷୀଙ୍କ ଉପରେ କେନ୍ଦ୍ରିତ ସ୍ୱତନ୍ତ୍ର ନାମଲେଖା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିବ।

ଚାଷୀମାନଙ୍କ ମଧ୍ୟରେ ସଚେତନତାକୁ ଆହୁରି ସୁଦୃଢ଼ କରିବା ପାଇଁ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ସ୍ଥାନୀୟ କାର୍ଯ୍ୟକ୍ରମ ଯେପରିକି ଘରକୁ ଘର ଅଭିଯାନ, ସ୍କୁଲ ଏବଂ କଲେଜରେ ଶିକ୍ଷାଗତ କାର୍ଯ୍ୟକଳାପ, ବାଇକ୍ ରାଲି, ଡଙ୍ଗା ପ୍ରଚାର, ପଥପ୍ରାନ୍ତ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା। ଗ୍ରାମ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ପ୍ରଚାର ବୃଦ୍ଧି କରିବା ପାଇଁ ପାଲେଟ୍, ବାରମ୍ବାର ପଚାରା ଯାଉଥିବା ପ୍ରଶ୍ନ (ଏଫ୍‌ଏକ୍ୟୁ) ପାଇଁ ବିଲବୋର୍ଡ, ବ୍ୟାନର ଏବଂ ପୋଷ୍ଟର ମାଧ୍ୟମରେ ବ୍ୟାପକ ବାହ୍ୟ ବିଜ୍ଞାପନ ମଧ୍ୟ କରାଯିବ।

ଭୂମିଗତ କାର୍ଯ୍ୟକଳାପ ସହିତ, ଆଞ୍ଚଳିକ ଭାଷାରେ ଏକ ଦୃଢ଼ ଡିଜିଟାଲ୍ ଏବଂ ସାମାଜିକ ଗଣମାଧ୍ୟମ ଅଭିଯାନ ମଧ୍ୟ ଏହି ପଦକ୍ଷେପର ପ୍ରଭାବକୁ ବୃଦ୍ଧି କରିବ।

ଏହି ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ଝା କହିଛନ୍ତି, 'ଏସବିଆଇ ଜେନେରାଲ ଇନସ୍ୟୁରାନ୍ସରେ, ଆମର ଉଦ୍ଦେଶ୍ୟ ସର୍ବଦା ଭାରତର ଚାଷୀଙ୍କ ଶକ୍ତି ଏବଂ ପ୍ରଗତିକୁ ସମର୍ଥନ କରିବା। ଚାଷୀମାନେ ଆମ ଅର୍ଥନୀତିର ମେରୁଦଣ୍ଡ, ଏବଂ ସେମାନଙ୍କୁ ସମର୍ଥନ କରିବା ଆମର କର୍ତ୍ତବ୍ୟର ଅଂଶବିଶେଷ।

# ବିସିସିଆଇ - ଆଡିଡାସ୍ ପକ୍ଷରୁ ବିଶ୍ୱକପ୍ ୨୦୨୬ ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୭।୧୨ (ନି.ପ୍ର):** ଭାରତୀୟ କ୍ରିକେଟ୍ ଦଳର ଅଫିସିଆଲ୍ କିଟ୍ ପ୍ରାୟୋଜକ ଆଡିଡାସ୍ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସହଭାଗିତାରେ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ଟି -୨୦ ବିଶ୍ୱକପ୍ ୨୦୨୬ର ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଥମ ମୁହୂର୍ତ୍ତରେ, ଷ୍ଟାଡିୟମ ଭିତରେ ଥିବା ପ୍ରଶଂସକମାନେ ପ୍ରଥମ ଥର ପାଇଁ ଜର୍ସି ଦେଖିଥିଲେ, କାରଣ ଭାରତ ବନାମ ଦକ୍ଷିଣ ଆଫ୍ରିକା ଦିନିକିଆ ସମୟରେ ନାଟକୀୟ ଭାବରେ ପଡ଼ିଆରେ ଏକ ଜୀବନ-ଆକାରର ସଂସ୍କରଣ ଉନ୍ମୋଚିତ ହୋଇଥିଲା, ଯାହା ଏହି ପ୍ରକାଶକୁ ଭାରତୀୟ କ୍ରିକେଟର ଷ୍ଟାଡିୟମ-ବ୍ୟାପି ଉତ୍ସବରେ ପରିଣତ କରିଥିଲା। ଏହି ଐତିହାସିକ ଖୁଲାସା ପ୍ରଶଂସକଙ୍କୁ ଖେଳର ନିକଟତର କରିବା ଏବଂ ଜର୍ସିକୁ ଖେଳାଳି, ପ୍ରଶଂସକ ଏବଂ ଦେଶ ମଧ୍ୟରେ ଏକତାର ଏକ ଶକ୍ତିଶାଳୀ ପ୍ରତୀକ କରିବା ପାଇଁ ଆଡିଡାସ୍ ଏବଂ ବିସିସିଆଇର ସହଭାଗୀ ଅଭିଳାଷକୁ ପ୍ରତିଫଳିତ କରେ। ନୂତନ ଜର୍ସି ବୋଲ୍ଡ, ନଷ୍ଟାଲଜିକ୍ ଡିଜାଇନ୍ ସଙ୍କେତ ସହିତ ଏକ ଆଧୁନିକ ଉଚ୍ଚ-କାର୍ଯ୍ୟଦକ୍ଷତା ସିଲୁଏଟ୍ ମିଶ୍ରଣ କରେ । ୧୯୯୦ ଦଶକର ଆଇକନିକ୍ ଷ୍ଟ୍ରାଇପ୍ ଇଣ୍ଡିଆ ଜର୍ସିରୁ ପ୍ରେରଣା ପାଇ ଏହି କିଟ୍ ଏକ ରେଟ୍ରୋ ମୋଡ଼ ସହିତ ସମସାମୟିକ ଢାଂଚା ନୂତନତ୍ୱର ପରିଚୟ ଦେଇଛି, ଯେତେବେଳେ କି ୨୦୨୪ ଟି -୨୦ ବିଶ୍ୱକପ୍ ବିଜେତା ଜର୍ସିରୁ କିମ୍ବଦନ୍ତୀ ନେକଲାଇନକୁ ବଜାୟ ରଖିଛି । ଅଧିକ ତୀବ୍ର ଉଷ୍ମ-ପାଗ ଅବସ୍ଥାର ମୁକାବିଲା କରିବା ପାଇଁ, ବଡି-ମ୍ୟାପ୍ ହୋଇଥିବା ୩ଡି ଇଞ୍ଜିନିୟରିଂ ମେକାନିକାଲ୍ ଷ୍ଟ୍ରେଚ୍ କପଡା ଆଡିଡାସ୍ ର ସର୍ବଶେଷ କ୍ଲିମାକୁଲ୍+ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରି ଦ୍ରୁତ ଗତିରେ ଝାଳ ବାହାରିଥାଏ, ଯାହା ଖେଳାଳିମାନଙ୍କୁ ଅଧିକ ସମୟ ପାଇଁ ଶୁଷ୍କ ରଖେ । ଛିଦ୍ରଯୁକ୍ତ ପ୍ରଶସ୍ତ ୩-ଷ୍ଟ୍ରାଇପ୍ ଟେପ୍ ଚରମ ଶ୍ୱାସକ୍ରିୟାକୁ ସକ୍ଷମ କରେ, ଯେତେବେଳେ ଉଭୟ କପଡା ଏବଂ ଟ୍ରିମ୍ ଉପରେ ରଣନୀତିକ ଭାବରେ ରଖାଯାଇଥିବା ଜାଲ ଛିଦ୍ର ସର୍ବୋତମ-ଶ୍ରେଣୀର ବାୟୁ ବ୍ୟାପକତା ପ୍ରଦାନ କରେ, ଯାହା ସର୍ବାଧିକ ଚାହିଦା ଥିବା ଜଳବାୟୁରେ ମଧ୍ୟ ସର୍ବୋତମ ବାୟୁ ଚଳାଚଳ ସୁନିଶ୍ଚିତ କରେ। ଆଡିଡାସ୍ ଇଣ୍ଡିଆର ଜିଏମ୍ ବିଜୟ ଚୌହାନ କହିଛନ୍ତି: 'ଆଡିଡାସ୍ ଆମ କ୍ରିକେଟରମାନଙ୍କ ପାଇଁ ବିଶ୍ୱ ସ୍ତରୀୟ ପ୍ରଦର୍ଶନ ଗିୟର ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରତ୍ୟେକ ଜର୍ସିରେ ଏହାକୁ ପିନ୍ଧୁଥିବା ଖେଳାଳି, ଏହାକୁ ଚାମ୍ପିଅନ୍ କରୁଥିବା ପ୍ରଶଂସକ ଏବଂ ଏହା ପ୍ରତିନିଧିତ୍ୱ କରୁଥିବା ଐତିହ୍ୟର କାହାଣୀ ବହନ କରେ । ବିସିସିଆଇ ସହ ମିଶି ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଏହି ଜର୍ସି ଉନ୍ମୋଚନ କରି ଆମେ ଗର୍ବିତ। ଆଗାମୀ ଟୁର୍ଣ୍ଣାମେଂଟ୍, ବିଶେଷ କରି ବିଶ୍ୱକପରେ ଦେଶ ଗର୍ବର ସହିତ ଏହି ରଙ୍ଗ ପିନ୍ଧିବା ଦେଖିବା ପାଇଁ ଆମେ ଅପେକ୍ଷା କରିପାରିବୁ ନାହିଁ।



ଭାରତୀୟ କ୍ରିକେଟର ତଥା ଆଡିଡାସ୍ ଆଥଲେଟ୍ ରୋହିତ ଶର୍ମା କହିଛନ୍ତି: 'ଜଣେ ଯୁବ ପ୍ରଶଂସକ ଭାବରେ ଉତ୍ସାହିତ ହେବା ଠାରୁ ଆରମ୍ଭ କରି ଦେଶ ପାଇଁ ଟ୍ରଫି ଉଠାଇବା ପର୍ଯ୍ୟନ୍ତ, ଏହି ଖେଳ ମୋତେ ଆଜୀବନ ସ୍ମୃତି ଦେଇଛି। ବର୍ତ୍ତମାନ, ଯେତେବେଳେ ମୁଁ ଏକ ନୂତନ ଅଧ୍ୟାୟରେ ପାଦ ଦେଉଛି, ଗର୍ବ ସମାନ ରହିଛି । ଏହି ନୂଆ ଟିମ୍ ଇଣ୍ଡିଆ ଜର୍ସି ଆମକୁ ମନେ ପକାଇ ଦେଉଛି ଯେ ଆପଣ ଷ୍ଟାଣ୍ଡରେ ଥାଆନ୍ତୁ କିମ୍ବା ପଡ଼ିଆରେ ଥାଆନ୍ତୁ, ଆମେ ସମସ୍ତେ ସମାନ ରଙ୍ଗର ପୋଷାକ ପିନ୍ଧୁ ଏବଂ ଭାରତ ପାଇଁ ସମାନ ସ୍ୱପ୍ନରେ ବିଶ୍ୱାସ କରୁ। ଏହି ଜର୍ସି ଭାରତର ବଛା ବଛା ଆଡିଡାସ୍ ଷ୍ଟୋରରୁ ଟଙ୍କା ୯୯୯/- ରୁ ଆରମ୍ଭ କରି ଏକାଧିକ ମୂଲ୍ୟ ପଏଣ୍ଟ୍‌ରେ ଉପଲବ୍ଧ ହେବ ଏବଂ adidas.co.in ରେ ଉପଲବ୍ଧ ହେବ।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରଥମ ବିଶ୍ୱ ଧର୍ମ ଅଧ୍ୟୟନ ସମ୍ମିଳନୀ

**ଭୁବନେଶ୍ୱର, ୭।୧୨ (ନି.ପ୍ର):** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଭୁବନେଶ୍ୱର ଆଜି ତିନି ଦିନିଆ। ପ୍ରଥମ ବାର୍ଷିକ ଧର୍ମ ଅଧ୍ୟୟନ ସମ୍ମିଳନୀ (ଡ଼ିଏସସି ୨୦୨୫) ଉଦଘାଟନ କରିଛି, ଯାହା ଧର୍ମ ଅଧ୍ୟୟନକୁ ଏକ ଗବେଷଣା-ଚାଳିତ, ଆନ୍ତଃବିଷୟିକ କ୍ଷେତ୍ର ଭାବରେ ପ୍ରତିଷ୍ଠା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସମ୍ମିଳନୀ ଇଂରାଜୀ ବିଭାଗ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚୟୁ); ଭକ୍ତିବେଦାନ୍ତ ପ୍ରତିଷ୍ଠାନ, ଭୁବନେଶ୍ୱର; ଆଇଆଇଟି ରୁରକିର ମାନବିକତା ଏବଂ ସାମାଜିକ ବିଜ୍ଞାନ ବିଭାଗ; ଭକ୍ତିବେଦାନ୍ତ ଗବେଷଣା କେନ୍ଦ୍ର, କୋଲକାତା; ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ; ଫ୍ଲେମ ବିଶ୍ୱବିଦ୍ୟାଳୟର ଭାରତ କେନ୍ଦ୍ର; ଏବଂ ହାଇଦ୍ରାବାଦର ଇଂରାଜୀ ଏବଂ ବିଦେଶୀ ଭାଷା ବିଶ୍ୱବିଦ୍ୟାଳୟ (ଇଏଫଏଲୟୁ) ସମେତ ପ୍ରମୁଖ ଶିକ୍ଷାଗତ ଏବଂ ଗବେଷଣା ପ୍ରତିଷ୍ଠାନ ଗୁଡ଼ିକର ସହଯୋଗରେ ଅନୁଷ୍ଠିତ ହେଉଛି। ଏହି ତିନି ଦିନିଆ। କାର୍ଯ୍ୟକ୍ରମରେ ଆଧୁନିକ ବିଶ୍ୱରେ ଧର୍ମର ବିକଶିତ ବ୍ୟାଖ୍ୟା, ପ୍ରୟୋଗ ଏବଂ ସାମାଜିକ ପ୍ରାସଙ୍ଗିକତା ଅନୁସନ୍ଧାନ କରିବା ପାଇଁ ଭାରତ ଏବଂ ବିଦେଶର ବିଦ୍ୱାନ, ଗବେଷକ ଏବଂ ଅଭ୍ୟାସକାରୀ ମାନଙ୍କୁ ଏକତ୍ରିତ କରାଯାଇଛି।



ଉଦଘାଟନୀ ଉତ୍ସବରେ ଗୋବର୍ଦ୍ଧନ ଇକୋଭିଲେଜର ନିର୍ଦ୍ଦେଶକ ଏବଂ ଇସ୍କନ ଗଭର୍ଣ୍ଣିଂ ବଡି କମିଶନର ସଦସ୍ୟ ଗୌରାଙ୍ଗ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଡକ୍ଟର ଅକ୍ଷୟ କେ. ରଥ ଧର୍ମକୁ ଏକ ବହୁବିଧ ଏବଂ ଆନ୍ତଃସାଂସ୍କୃତିକ କ୍ଷେତ୍ର ଭାବରେ ଅଧ୍ୟୟନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଶୈକ୍ଷିକ ମଞ୍ଚ ପ୍ରତିଷ୍ଠା କରିବାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

ଶ୍ରୀ ଗୌରାଙ୍ଗ ଦାସ ତାଙ୍କ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଭାଷଣରେ କହିଥିଲେ: ଆଜି ବିଶ୍ୱ ଏକ ଅଭୂତପୂର୍ବ ସ୍ତରରେ ମାନସିକ ଚାପ, ପରିବେଶଗତ ଅସନ୍ତୁଳନ ଏବଂ ସାମାଜିକ ବିଖଣ୍ଡନର ସମ୍ମୁଖୀନ ହେଉଛି, ଏବଂ ଧର୍ମ ସମନ୍ୱୟ ପୁନଃସ୍ଥାପନ ପାଇଁ ଏକ ଢାଞ୍ଚା ପ୍ରଦାନ କରେ। ଭଗବଦ୍ ଗୀତା ଆମକୁ ତିନୋଟି କାଳଜୟୀ ନୀତି ମନେ ପକାଇ ଦିଏ - ପରିଚୟରେ ସ୍ଥିରତା, ଉଦ୍ଦେଶ୍ୟର ପବିତ୍ରତା ଏବଂ କାର୍ଯ୍ୟରେ ତୀବ୍ରତା। ଯଦି ଆମେ ଏଗୁଡ଼ିକୁ ସଚେତନ ଭାବରେ ପ୍ରୟୋଗ କରୁ, ତେବେ ଏହା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ, ସ୍ଥାୟୀ ଏବଂ ମୂଲ୍ୟବୋଧ ଆଧାରିତ ପ୍ରଗତି ଆଡ଼କୁ ମାର୍ଗଦର୍ଶନ କରିପାରିବ। ଏହି ସମ୍ମିଳନୀ କେବଳ ସମୟୋଚିତ ନୁହେଁ - ଏହା ବିଶ୍ୱ କିପରି ନୀତିଶାସ୍ତ୍ର, ନେତୃତ୍ୱ ଏବଂ ସୁସ୍ଥତାର ପୁନଃକଳ୍ପନା କରେ ତାହା ପ୍ରଭାବିତ କରିପାରିବ।

ଧର୍ମ ହେଉଛି ଭାରତର ସବୁଠାରୁ ଗଭୀର ଏବଂ ଅନୁବାଦଯୋଗ୍ୟ ନୁହେଁ ଏପରି ଧାରଣା। ଧର୍ମ ଶବ୍ଦଟି ଇଂରାଜୀ ଶବ୍ଦ ଧର୍ମ ଦ୍ୱାରା ସଠିକ୍ ଭାବରେ ପ୍ରକାଶିତ ହୁଏ ନାହିଁ, ଯାହା ଭାରତୀୟ ଭାଷା ମଧ୍ୟରେ ମିଳୁଥିବା ଅନେକ ଯୌଗିକ ପ୍ରକାଶନରେ ସ୍ପଷ୍ଟ ଭାବରେ ଦେଖାଯାଏ। ଯଦି ଧର୍ମ କୁ ଦୁଇ ଶବ୍ଦ ବିଶିଷ୍ଟ ଇଂରାଜୀ ସମକକ୍ଷରେ ଧର୍ମ ଭାବରେ ଆକ୍ଷରିକ ଭାବରେ ଅନୁବାଦ କରାଯାଏ, ତେବେ ସନାତନ ଧର୍ମ, ବର୍ଣ୍ଣାଶ୍ରମ ଧର୍ମ, ସ୍ୱ-ଧର୍ମ, ଅପଦ ଧର୍ମ, ଯୁଗ ଧର୍ମ ଏବଂ ଅନ୍ୟାନ୍ୟ ପରି ପଦାଂଶ ସମସ୍ତ ସୁସଙ୍ଗତ ଅର୍ଥ ହରାଇବ।

ଏକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଭାବରେ, ଆଇଆଇଟି ଭୁବନେଶ୍ୱର ଏହି ଆଲୋଚନାକୁ ନୀତିଶାସ୍ତ୍ର ଏବଂ ନବସୃଜନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ ଦେଖେ, ବିଶେଷକରି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ମାନବ ପରିଚୟ, ଉଦ୍ଦେଶ୍ୟ ଏବଂ ସାମାଜିକ ମୂଲ୍ୟ ବୋଧକୁ ପୁନଃଆକୃତି ଦେଉଛି।

ଉଦଘାଟନୀ ଅଧିବେଶନର ଶେଷରେ ସଂଯୋଜକ ଡକ୍ଟର ନରେଶ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ସେ ଚଳିତ ବର୍ଷ ଦୁଇଟି ଜୁରି ପୁରସ୍କାର ପ୍ରତିଷ୍ଠା ଘୋଷଣା କରିଥିଲେ: ଭକ୍ତିବେଦାନ୍ତ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରତିଷ୍ଠିତ ଏସି ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ପୁରସ୍କାର ଏବଂ ପ୍ରଫେସର ହୋଶାଙ୍ଗ ମର୍ଚ୍ଚାଣ୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ ୱିଜିକ୍ ମର୍ଚ୍ଚାଣ୍ଟ ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର।

ଉଦଘାଟନ ପରେ, ଫ୍ଲେମ ବିଶ୍ୱବିଦ୍ୟାଳୟର ପ୍ରଫେସର ପଙ୍କଜ ଜୈନଙ୍କ ଦ୍ୱାରା ଏକବିଂଶ ଶତାବ୍ଦୀରେ ଧର୍ମର ପୁନର୍ବିଚାର: ପରିବେଶ ବିଜ୍ଞାନ, ନୀତିଶାସ୍ତ୍ର, ଏବଂ ଭାରତରେ ଧର୍ମ ଅଧ୍ୟୟନର ମାମଲା ଶୀର୍ଷକ ଏକ ମୁଖ୍ୟ ଭାଷଣ ସହିତ ଶୈକ୍ଷିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ବହୁବିଧ ପୂର୍ଣ୍ଣ ଅଧିବେଶନ ଏବଂ ସ୍ଥିରତା, ସାହିତ୍ୟ, ସାମାଜିକ ନ୍ୟାୟ, ପରିଚୟ, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଭଳି ଦୃଷ୍ଟିକୋଣ ମାଧ୍ୟମରେ ଧର୍ମର ପରୀକ୍ଷା ପାଇଁ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହେବ।

ଏହି ତିନି ଦିନିଆ। ସମ୍ମିଳନୀ କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ବିଦ୍ୱାନ ଉପସ୍ଥାପନା, ମୁଖ୍ୟ ଭାଷଣ, ବିଷୟବସ୍ତୁ ପୂର୍ଣ୍ଣାଙ୍ଗ, ହାଇବ୍ରିଡ୍ ଗବେଷଣା ପ୍ୟାନେଲ୍ ଏବଂ ସାଂସ୍କୃତିକ ପ୍ରତିଫଳନ ଅନ୍ତର୍ଭୁକ୍ତ, ଯାହା ଏହାକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଧର୍ମ ଅଧ୍ୟୟନ ଉପରେ କେନ୍ଦ୍ରିତ ସବୁଠାରୁ ବ୍ୟାପକ ଶୈକ୍ଷିକ ସମାବେଶ ମଧ୍ୟରୁ ଗୋଟିଏ କରିଥାଏ।

ମାନବିକତା, ଆଇନ, ବିଜ୍ଞାନ, ସାହିତ୍ୟ, ଦର୍ଶନ, ସାଂସ୍କୃତିକ ଅଧ୍ୟୟନ, ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଂଶଗ୍ରହଣ ସହିତ, ଡ଼ିଏସସି ୨୦୨୫ ଧର୍ମକୁ ଏକ ବୌଦ୍ଧିକ ପରମ୍ପରା ଏବଂ ନୈତିକ, ପରିବେଶଗତ ଏବଂ ସାମାଜିକ-ଦାର୍ଶନିକ ଯୁକ୍ତି ପାଇଁ ସମସାମୟିକ ଢାଞ୍ଚା ଭାବରେ ଅନୁସନ୍ଧାନ କରିବାରେ ଏକ ନୂତନ ଶୈକ୍ଷିକ ଗତିର ସଙ୍କେତ ଦିଏ।



# ବାଇକ - ସ୍କୁଟି ମୁହାଁମୁହିଁ ଧକ୍କାରେ ଦମ୍ପତି ମୃତ

**କୁକୁଡାଖଣ୍ଡି,୮।୧୨ (ନି.ପ୍ର)** : ଦିଗପହଣ୍ଡି - ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ ଟାରେ ଏକ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢେପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ୨ ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ସମେତ ଆର୍. ଉଦୟଗିରି ଅଞ୍ଚଳର ବାଇକ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ଲଳିତା ୮ ମାସର ଗର୍ଭବତୀ ରହିଥିବା ହେତୁ ମଧ୍ୟାହ୍ନ ସମୟରେ ସ୍ୱାମୀ ଓ ଶିଶୁ ସହ ସ୍କୁଟି ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଯାଇଥିଲେ। ମେଡିକାଲ କାମ ସାରି ସନ୍ଧ୍ୟାରେ ଗ୍ରାମକୁ ଫେରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ସୁନୀଲଙ୍କ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ। ତେବେ ଉପସ୍ଥିତ ଡାକ୍ତର ପ୍ରତାପ ଓ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ସୁନୀଲଙ୍କ ଚିକିତ୍ସା କରାଯାଉଛି। ତେବେ ଶିଶୁଟି ମାଆ। ବାପାକୁ ହରାଇ ବାହୁନି ବାହୁନି କାନ୍ଦୁଥିବା ବେଳେ ମେଡିକାଲ ପରିସର ପରିବାର ଲୋକଙ୍କ କ୍ରନ୍ଦନରେ ଫାଟି ପଡୁଥିଲା। ଖବରପାଇ ଦିଗପହଣ୍ଡି ପୋଲିସ ମେଡିକାଲରେ ପହଞ୍ଚି ଦୁଇ ମୃତଦେହ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିଛନ୍ତି। ଶନିବାର ସକାଳୁ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ସରକାରୀ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନରେ ଅଧିକ ସଂସ୍କାର ଅଣାଯିବ



**ଭୁବନେଶ୍ୱର, ୭।୧୨ (ନି.ପ୍ର):** ଜମିଜମା ବ୍ୟବସ୍ଥାକୁ ଅଧିକ ସହଜ ଓ ସୁବିଧାରେ ଅନଲାଇନ୍ ମାଧ୍ୟମରେ ଉପଲବ୍ଧ କରିବା,ଭୂମି ରେକର୍ଡ ଓ ରାଜସ୍ୱ ନଥି ଗୁଡିକର କମ୍ପ୍ୟୁଟରୀକରଣ, ଗ୍ରାମ ମାନଚିତ୍ର ଗୁଡିକର ଜିଓ ରେଫରେନସିଂ, ଜମି ପଞ୍ଜୀକରଣ ଏବଂ ବିଭିନ୍ନ ସେବାର ଅନଲାଇନ୍ ବିତରଣ ସଂପର୍କରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ ଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ପରାମର୍ଶଦାତା ଶ୍ରୀ ରାଜୀବ ଚାୱଲାଙ୍କସହିତ ଏକ ବୈଠକରେ ଆଲୋଚନା କରିଛନ୍ତି।

ଶ୍ରୀ ଚାୱଲା କର୍ଣ୍ଣାଟକ ରାଜ୍ୟର ଭୂମି ରେକର୍ଡ ଆଧୁନିକୀ କରଣ ଏବଂ ରାଜସ୍ୱ ବିଭାଗ ଓ କୃଷି ବିଭାଗ ଦ୍ୱାରା ମିଳିତ ଭାବରେ ଚାଲିଥିବା ଆଗ୍ରୋଷ୍ଟ୍ୟକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ତାଙ୍କର ଅଭିଜ୍ଞତା ଏବଂ ଭଲ କାର୍ଯ୍ୟଗୁଡିକ (ବେଷ୍ଟ ପ୍ରାକ୍ଟିସେସ୍) ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ।

ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସିଂ, ରାଜସ୍ୱ ବିଭାଗରେ ଚାଲିଥିବା ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପଚାର ୨ୟ ଖନା ସଂଶୋଧନ, ଅନ୍ୟାନ୍ୟ ସଂସ୍କାର ମୂଳକ ପଦକ୍ଷେପ ଏବଂ ଓଡ଼ିଶାରେ ଭୂମି ରେକର୍ଡର କମ୍ପ୍ୟୁଟରୀକରଣ, ପଞ୍ଜୀକରଣ ସେବା ଏବଂ ଅନଲାଇନ୍ ସେବା ପ୍ରଦାନ ବିଷୟରେ ଆଲୋକପାତ କରିଥିଲେ। ଏଥି ସହିତ ସେ ଏବେ ଆରମ୍ଭ ହୋଇଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଏବଂ ଭୂମି ରେକର୍ଡ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ୀକରଣ କରିବା ଯୋଜନା ବିଷୟରେ ସେ ମତ ଉପସ୍ଥାପନକରିଥିଲେ।

ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଓଡ଼ିଶାବାସୀଙ୍କୁ ସହଜ ଓସୁବିଧାରେ ତଥା ସେମାନଙ୍କର ଦ୍ୱାରଦେଶରେ ସରକାରୀ ଓ ଜମିଜମା ସମ୍ବନ୍ଧୀୟ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଭୂମି ରେକର୍ଡର ଆଧୁନିକୀକରଣ, କାଡାଷ୍ଟାଲ୍ ମାନଚିତ୍ରର ଅଦ୍ୟତନ କରାଯିବା ଏବଂ ଜିଓ-ରେଫରେନସିଂ ତଥା ସମସ୍ତ ରାଜସ୍ୱ ରେକର୍ଡର ଡିଜିଟାଇଜେସନ୍ ଓ ଅନଲାଇନ୍ ସେବା ପ୍ରଦାନକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଓ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଥିବା ସଂପର୍କରେ ପ୍ରକାଶ କରିଛନ୍ତି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବଡଃ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶ୍ରୀ ସୁଭମ ସକ୍ସେନା, ଭୂମି ରେକର୍ଡ ଏବଂ ସର୍ବେକ୍ଷଣ ନିର୍ଦ୍ଦେଶକ, ଭାରତୀୟ ସର୍ବେକ୍ଷଣ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ଓଡ଼ିଶା ରାଜ୍ୟ ଅନ୍ତରୀକ୍ଷ ପ୍ରୟୋଗକେନ୍ଦ୍ର (ଓରସାକ) ର ବରିଷ୍ଠ ବୈଜ୍ଞାନିକ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଡବିଆର୍ ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳିତ



**ପାରାଦୀପ, ୭।୧୨ (ନି.ପ୍ର)** : ଭାରତରତ୍ନ ଡ. ବି.ଆର୍.ଆମ୍ବେକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଆମ୍ବେଦକର ପାର୍କରେ ଅନୁଷ୍ଠିତ ସମାରୋହରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସମାଜରେ ସମାନତା, ଏକତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ଡ.ଆମ୍ବେଦକରଙ୍କ ଦାନ ଅତୁଳନୀୟ । ସାମାଜୀକ ସଶକ୍ତିକରଣରେ ତାଙ୍କର ଅବଦାନ ସବୁ ସମୟରେ ସମାଜରେ ଅନୁଭୂତ ହୋଇଥାଏ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ। ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ସଚୀବ କ୍ରିଷ୍ଣା ବାପିରାଜୁ ଗଣପତି ରାଜୁ, ସିଏମଇ ସୁଶୀଲ କୁମାର ନାହାକ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ପ୍ରମୁଖ ଯୋଗ ଦେଇ ଡ. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପାରାଦୀପ ବନ୍ଦର ଏସି ଓ ଏସଟି କର୍ମଚାରୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଗଙ୍ଗାଧର ସେଠୀ, ଧ୍ରୁବଚନ୍ଦ୍ର ତରାଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଉପକାରାଗାରରେ ଯୋଗଶିକ୍ଷା ଆରମ୍ଭ

**କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର):** ବାରିମୂଳସ୍ଥିତ କେନ୍ଦ୍ରାପଡ଼ା ଉପ କାରାଗାରରେ ଆଜିଠାରୁ ଯୋଗଶିକ୍ଷା ଆରମ୍ଭ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାର ଏବଂ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଏହି ଶିବିରକୁ ଉଦଘାଟନ କରିଛନ୍ତି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ରେଜିଷ୍ଟ୍ରାର ଅଜୟ କୁମାର ରାଉତ ଏହି ଶିବିରରେ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏହି ଯୋଗଶିକ୍ଷା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅନ୍ତେବାସୀଙ୍କ ମନରେ ଉଭୟ ଶାରୀରିକ ଏବଂ ମାନସିକ କ୍ଷେତ୍ରରେ ଏକ ନୂତନ ପରିବର୍ତ୍ତନ ଆସିବ ବୋଲି ଅତିଥି ମାନେ ମତପୋଷଣ କରିଥିଲେ। କାରାଗାର ଅଧୀକ୍ଷକ ସୁନିଲ କୁମାର ପାତ୍ର, କାରାପାଳ ଶୁଭେନ୍ଦୁ ଭୂୟାଁ, ସହକାରାପାଳ ସୁକାନ୍ତ ରାଉତ ଓ ପ୍ରହ୍ଲାଦ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ନୟାଗଡ଼,୭।୧୨ (ନି.ପ୍ର) :** ନୟାଗଡ଼ ଟ୍ରାଫିକ ଛକଠାରେ ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ନୟାଗଡ଼ର ବୁଦ୍ଧିଜୀବି ଓ ସାମ୍ବାଦିକମାନଙ୍କ ଉପସ୍ଥିତିରେ ନୟାଗଡ଼ ସଦର ମହକୁମାରେ ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ପ୍ଲାକାର୍ଡ ମାଧ୍ୟମରେ ପ୍ରତୀକାତ୍ମକ ସଚେତନ କରାଯାଇଅଛିୟ ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ, ସମାଜସେବୀ ଗୋଦାବରୀଶ ସାହୁ, ଆଇନଜୀବୀ ମନୋଜ ସାହୁ, ଶ୍ରୀଧର ପ୍ରଧାନ, ସଂଗଠନର ସଂଯୋଜକ ଶ୍ରିତମ କୁମାର ପ୍ରଧାନ, ସାମ୍ବାଦିକ ରାମକୃଷ୍ଣ ରଥ, ଛାତ୍ର ସଂଗଠକ ଶିବରଂଜନ ସାହୁ ପ୍ରମୁଖ ନୟାଗଡ଼ ସଦର ମହକୁମାରେ ନୟାଗଡ଼ ମେଡିକାଲ କଲେଜର ପ୍ରତିଷ୍ଠା କଣ ପାଇଁ ଆବଶ୍ୟକ ସେ ବିଷୟରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ନୟାଗଡ଼ ସଦର ମହକୁମାରୁ ଯେଉଁଭଳି ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଚନ୍ଦପୁରଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଚକ୍ରାନ୍ତ ଚାଲିଛି, ତାହା ଚିନ୍ତାଜନକ। ଭୌଗଳିକ ଦୃଷ୍ଟିକୋଣରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ହେଲେ ନୟାଗଡ଼ର ଆଠ ଗୋଟି ବ୍ଲକର ଜନସାଧାରଣ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ। ସରକାରୀ ଘୋଷଣା ଅନୁଯାୟୀ ମେଡିକାଲ କଲେଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ତା ଆଖପାଖରେ କରିବା ନେଇ ନିୟମ ରହିଅଛି। କିନ୍ତୁ ନୟାଗଡ଼ର ଏକ କୋଣରେ ଥିବା ଚନ୍ଦପୁରରେ ମେଡିକାଲ କଲେଜ ହେଲେ ନୟାଗଡ଼ ଲୋକ ସ୍ୱାସ୍ଥ୍ୟସେବା ପାଇବାକୁ ଅସମର୍ଥ ହେବେ, ତାହା କେବଳ ଗୋଟିଏ ବ୍ଲକ ଲାଭବାନ ହେବ, ନୟାଗଡ଼ିଆ। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ହୋଇ ରହିବେ। ସରକାରକୁ ସଚେତନ କରିବାକୁ ଯାଇ ଜୟ ନୟାଗଡ଼ ଫାଉଣ୍ଡେସନର ଏହି କାର୍ଯ୍ୟକୁ ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବି, ଆଇନଜୀବି, ସିବିଲ ସୋସାଇଟି, ସିନିଅର ସିଟିଜେନ କ୍ଲବ, ଜିଲ୍ଲା ସାମ୍ବାଦିକ ସଙ୍ଘ ଭଳି ଜିଲ୍ଲାର ଅଗ୍ରଣୀ ସଂଗଠନମାନେ ସମର୍ଥନ କରିଅଛନ୍ତି।




ସର୍ବଶେଷରେ ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ସମସ୍ତ ଉପସ୍ଥିତ ନୟାଗଡ଼ିଆ, ସମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ ସହ ଆସନ୍ତାକାଲି ତା୦୫/୧୨/୨୦୨୫ ରିଖ ଅପରାହ୍ନ ୪ ଘଟିକା ସମୟେ ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ସାମ୍ବାଦିକ ସମ୍ମିଳନୀ ଓ ବନ୍ଧୁମିଳନ ଅନୁଷ୍ଠିତ ହେବ ନେଇ ଘୋଷଣା କରି ସଭା ସାଙ୍ଗ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସଂଗଠନର ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ସୁଶୀଲ କୁମାର ସାହୁ, ମଲ୍ଲିକ ମହମ୍ମଦ ମୁବାସିର, ଜୀବନ ଜ୍ୟୋତିପ୍ରକାଶ, ଓଁ ପ୍ରସାଦ ପ୍ରଧାନ, ପ୍ରତ୍ୟୁଷ କୁମାର ସାହୁ, ଶୁଭମ କୁମାର ସଲ, ରାକେଶ କୁମାର ସିଠ ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ




**କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର) :** ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପ୍ରାୟୋଜିତରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ -୨୦୨୫ ଆୟୋଜିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଶକ୍ତି ଦେଶ ଗଠନରେ ଅଗ୍ରଣୀ ଭୂମିକା ନେବା ସହ ବିକଶିତ ଓଡିଶା ଏବଂ ବିକଶିତ ଭାରତ ଗଠନରେ ଆଗେଇ ଆସିବାକୁ ଅତିଥି ମାନେ ଯୁବ ଶକ୍ତିକୁ ଆହ୍ୱାନ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଏହି ପ୍ରତିଯୋଗିତା ଏକ ମାଧ୍ୟମ ବୋଲି କହିଥିଲେ। ଯେତେ ଉପରକୁ ଗଲେବି ଆମ ସଂସ୍କୃତିକୁ ଆମେ ଭୁଲିବା ନାହିଁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଜିଲ୍ଲା ସାହିତ୍ୟ ସଂସଦ ସଭାପତି କବି କରୁଣାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବ ମହୋତ୍ସବ ଯୁବକ ମାନଙ୍କ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବା ପାଇଁ ଏକ ଉପଯୁକ୍ତ କ୍ଷେତ୍ର ଏବଂ ରାଷ୍ଟ୍ର ନିର୍ମାଣରେ ଯୁବ ଶକ୍ତିହିଁ ପ୍ରମୁଖ ଭୂମିକା ନେଇ ପାରିବ ବୋଲି ମତ ଦେଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

# ଜିଲ୍ଲା ସ୍ତରୀୟ ଧାନକ୍ରୟ ମଣ୍ଡି ଉଦଘାଟିତ

**ବଲାଙ୍ଗିର, ୭।୧୨ (ନି.ପ୍ର):** ଲୋଇସିଂହା ବ୍ଲକ ଅନ୍ତର୍ଗତ ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଚଳିତ ଖରିଫ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନକ୍ରୟ ମଣ୍ଡି ଉଦଘାଟିତ ହୋଇଛି। ଜିଲ୍ଲାପାଳ ଗୌରଵ୍ ଶିଵାଜି ଇସଲଵାରଙ୍କ ପୌରହିତ୍ୟରେ ଅନୁଷ୍ଠିତ, ଏହି କାର୍ଯ୍ୟକ୍ରମରେ ଲୋଇସିଂହା ପଞ୍ଚାୟତ ସମିତି, ଅଧ୍ୟକ୍ଷ, ଜତିନ୍ଦ୍ର ପଟେଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଉପ-ନିବନ୍ଧକ, ସମବାୟ ସମିତି ସମୂହ, ବଲାଙ୍ଗିର ପ୍ରମୋଦ କୁମାର ବରିହା, ଲୋଇସିଂହା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅକ୍ଷୟ କୁମାର ପାନିଉଡୁ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ୧୫୮ଟି ପ୍ୟାକ୍ସ ଓ ୧୪ ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୮୦ ଟି



ଧାନକ୍ରୟ କେନ୍ଦ୍ର ଖୋଲା ଯାଇଛି। ଜିଲ୍ଲାର ୧,୦୫,୦୩୧ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ ନିମନ୍ତେ ନାମ ପଞ୍ଜିକରଣ କରିଛନ୍ତି। ଚଳିତ ବର୍ଷ ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ଟ.୨୩୬୯/- ଥିବାବେଳେ ଗ୍ରେଡ ଏ ଧାନର କ୍ୱିଣ୍ଟାଲ ପିଛା ଟ.୨୩୮୯/- ରହିଛି, ଏହା ସହିତ ଓଡିଶା ସରକାର କ୍ୱିଣ୍ଟାଲ ପିଛା ଟ.୭୩୧/- ଅତିରିକ୍ତ ସହାୟତା ରାଶି ପ୍ରଦାନ କରୁଛନ୍ତି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ମୋଟ ୨୪,୬୦,୦୦୦ କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ଟାର୍ଗେଟ ଦିଆଯାଇଛି। ଧାନ ବିକ୍ରୟରେ ଯଦି କୌଣସି ଚାଷୀଙ୍କର କିଛି ସମସ୍ୟା ଦେଖାଦିଏ ତେବେ ସେମାନେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହର ଉପ-ନିବନ୍ଧକ କିମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ପିତବାସ ମଲ୍ଲିକ, ଲୋଇସିଂହା ତହସିଲଦାର, ଟୁକୁନୁ ପୁଟା, ବଲାଙ୍ଗିର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ, ସହକାରୀ ଯୋଗାଣ ଅଧିକାରୀ, ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ, ଚାଷୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ବୀର ଶଙ୍କର ଦେବଙ୍କ ଠାରୁ ୭୮.୦୮କ୍ୱିଣ୍ଟାଲ ଏବଂ ସୁଜିତ କୁମାର ସାହୁଙ୍କ ଠାରୁ ୨୪.୧୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି।

# ଡାକ୍ତରଖାନା ଓ ମହିଳା ମହାବିଦ୍ୟାଳୟ ନିକଟରୁ ମଦଦୋକାନ ବନ୍ଦ ଦାବି

**ଜଳେଶ୍ୱର,୬/୧୨(ନିପ୍ର)** ଜଳେଶ୍ୱର ମ୍ୟୁନିସିପାଲଟିର ନୂଆବଜାର ଅଧିନ ଜିକେ ଭଟ୍ଟର ହସ୍ପିଟାଲ ଓ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ମଧ୍ୟସ୍ଥଳରେ ତଥା ୫୭ ରାଜ୍ୟରାଜପଥ ପାଶ୍ୱର୍ରେ ଥିବା ମଦଦୋକାନକୁ ବନ୍ଦ କରିବାକୁ ନେଇ ସ୍ଥାନୀୟ ବାସୀନ୍ଦା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସଂପର୍କରେ ନିକଟବର୍ତ୍ତୀ ଅଂଚଳବାସୀ, ପୌରପାଳଙ୍କ ଜରିଆରେ ପୁନଃ ପଂଜିକରଣ ନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆବଜାର ଜିକେ ଭଟ୍ଟର ହସ୍ପିଟାଲ ଠାରୁ ମାତ୍ର ୧୦୦ ମିଟର ଓ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଠିପିବନ୍ଦ ମଦଦୋକାନଟି ଖୋଲାଯାଇଥିବାରୁ ବିଭିନ୍ନ ସମୟରେ ମଦ୍ୟପ ମାନେ ବିଚ୍ ରାସ୍ତାରେ ଉନ୍ମୁକ୍ତ କାଣ୍ଡ ଭିଆଇ ଆସୁଥିବା ଅଭିଯୋଗ ହୋଇଛି। ମଦଦୋକାନ ସମ୍ମୁଖରେ ଥିବା ବିଭିନ୍ନ ଚାଖଣା ଦୋକାନରେ ମଦ୍ୟପମାନେ ଠିପି ଖୋଲି ମଦ ପିଇବା, ଖୋଲା ଖୋଲି ପରିସ୍ରା କରିବା, ରାସ୍ତାରେ ମଦ ପିଇବା ଯୋଗୁଁ ଦାସ କଲୋନୀକୁ ଯାଉଥିବା ମହିଳାମାନେ ନାନା ପ୍ରକାର ନିର୍ଯ୍ୟାତନା ଓ ଅଶ୍ଳିଳ ଇଙ୍ଗିତର ଶୀକାର ହେଉଥିବା କୁହାଯାଇଛି। ଏପରିକି ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ, ଦାସ କଲୋନୀ ବାସିନ୍ଦାମାନେ ଭୟଭିତ ଅବସ୍ଥାରେ ରହୁଥିବା ଅଭିଯୋଗ ହୋଇଛି । ନିକଟରେ ମଦ ଦୋକାନ ସନ୍ନକଟ ରେ ଷଣ୍ଢ ସହିତ ଦୁର୍ଘଟଣା, ବାଇକ୍ ଜନିତ ଦୁର୍ଘଟଣା ମାନ ଘଟି ଆସୁଛି। ଗାଡି ଚାଳକମାନେ ମଦ୍ୟପାନ କରି ରାସ୍ତା ଉପରେ ବାକ୍ ବିତଣ୍ଡା କରିବା, ଛାତ୍ରୀ ଓ ମହିଳମାନାଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିବା, ରୋଗୀମାନଙ୍କ ସମ୍ପର୍କୀୟମାନେ ମଦ୍ୟପମାନଙ୍କ ଦ୍ୱାରା ଶୋଷଣର ଶୀକାର ହେଉଛନ୍ତି । ଏହା ସହିତ କେତେକ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଖାନାରେ ଭଙ୍ଗାରୁଜା କରିବା, ଡାକ୍ତର ଙ୍କୁ ମାଡ଼ ମାରିବା ଆଦି ଘଟଣା ସଂଘଟିତ ହେଉଛି।

# ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ଓ ସୀମାନ୍ତ ଗ୍ରାମୀଣ ମହୋତ୍ସବର ଭୂମିପୂଜନ

**ଜଳେଶ୍ୱର,୭/୧୨(ନି.ପ୍ର) :** ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ଓ ସୀମାନ୍ତ ଗ୍ରାମୀଣ ମହୋତ୍ସବ ଲାଗି ଭୂମି ପୂଜନ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ଭୂମିପୂଜନ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଗିରି ପୌରହିତ୍ୟ କରିଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ସୁନିଲ କୁମାର ନାୟକ, ବନମାଳୀ ଧଳ, ପୂର୍ବତନ ଏବିଇଓ କପିଳେଶ୍ୱର ମହାନ୍ତି, ଚନ୍ଦ୍ରମୋହନ ରାଉଳ, ରାଜେଶ ଖଟୁଆ, ରାକେଶ ବାରିକ, ଦୂର୍ଗାଶଙ୍କର ଭୂୟାଁ, ସର୍ବେଶ୍ୱର ଜେନା, କାଉନସିଲର ଶିବ ନାରାୟଣ ମହାପାତ୍ର, କ୍ଷିତିଶ ବ୍ରହ୍ମ, ଆଲୋକ ଡଗର, ଲକ୍ଷ୍ମୀଧର ବାରିକ, ସିଦ୍ଧେଶ୍ୱର ବେହେରା, ସୌଭିକ କୁମାର୍ ଜେନା, ମନୋରଞ୍ଜନ ଦାସ, କମଳ ଚକ୍ରବର୍ତ୍ତୀ, ତୁଷାରକାନ୍ତି ମହାନ୍ତି ପ୍ରମୁଖ ଉପସ୍ଥିତି ଥିଲେ। ଆସନ୍ତା ଡ଼ିସେମ୍ବର ୨୧ ତାରିଖ ଉଦଘାଟନୀ ଉତ୍ସବରେ ଅପରାହ୍ନ ୩ ଘଟିକା ସମୟରେ ଷ୍ଟେସନ ବଜାର କାଳି ମନ୍ଦିର ଠାରୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ୩୧ ତାରିଖରେ ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ୧୧ ଦିନ ବ୍ୟାପୀ ମହୋତ୍ସବରେ ମୀନା ବଜାର, ବିଭିନ୍ନ ପ୍ରକାରର ଦୋଳି, ସମସ୍ତ ରାଜ୍ୟର ଖାଇବା ବିପଣି, ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କର ତତ୍ତ୍ୱାବଧାନରେ ସାଂସ୍କୃତିକ ବିଭାଗ ତରଫରୁ ପ୍ରେରିତ ସାଂସ୍କୃତିକ ଦଳ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯକ୍ରମ ପରିବେଷଣ କରିବେ ତତ୍ ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ ସଭା ସହିତ ସ୍ୱାସ୍ଥ୍ୟ ମେଳା, ରକ୍ତ ଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଭଳି ଜନ ହିତ କାର୍ଯକ୍ରମ ଆୟୋଜିତ ହେବ ବୋଲି କୁହାଯାଇଛି। ପ୍ରକାଶଯୋଗ୍ୟ ଜଳେଶ୍ୱର ଏକ ଭାଇଚାରାର ସହର ହୋଇଥିବାରୁ, ଗୋଟିଏ ସ୍ଥାନରେ ବୃହତ ଗ୍ରାମୀଣ ମେଳା ଆୟୋଜନ ଓ ସବୁ ବର୍ଗର ବ୍ୟକ୍ତ ବିଶେଷ ଙ୍କୁ ଯୋଡିଲେ ଅଞ୍ଚଳର ଅସ୍ମିତା ରକ୍ଷା ହୋଇ ପାରିବ।

# ନୋଡାଲ ଅଫିସରଙ୍କ ଚିତ୍ରକୋଣ୍ଡା ଓ ବଣ୍ଡାଘାଟିର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମୀକ୍ଷା

**ମାଲକାନଗିରି,୭।୧୨ (ନି.ପ୍ର) :** ନୋଡାଲ ଅଫିସର ତଥା ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଏମ୍ଡି ସିଦ୍ଦିକ୍ ଆଲାମ୍ ମାଲକାନଗିରି ଗସ୍ତରେ ଆସି ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତାକୁ ନେଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶ୍ରୀ ଆଲମ୍ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପ ଜିଲ୍ଲାପାଳ ଅଶ୍ୱିନୀ ଏ ଏଲ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପ୍ରତ୍ୟେକ ଗାଁ ର ଶେଷ ପର୍ଯ୍ୟନ୍ତ ପହଞ୍ଚିବାର ଆବଶ୍ୟକତା ରହିଛି



ବୋଲି ଶ୍ରୀ ଆଲମ୍ କହିଛନ୍ତି। ଜିଲ୍ଲା ସ୍ତରରେ ରହିଥିବା ସମସ୍ୟା ବିଷୟରେ ଅବଗତ କରାଇବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଦ୍ୱାରା ହିତାଧୀକାରୀ ଉପକୃତ ହୋଇପାରିବେ ବୋଲି ବୈଠକରେ କୁହାଯାଇଛି। କୃଷି ବିଭାଗକୁ ଗୋବିନ୍ଦପାଲ୍ଲି କଲେଜ ଠାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଉପରେ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। ଏହା ଫଳରେ ବିଶେଷ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଅଞ୍ଚଳରୁ ଯୁବ ଉଦ୍ୟୋଗୀ ବାହାରି ପାରିବେ। କୃଷକ ମାନଙ୍କ ସମ୍ପର୍କିତ ଋଣ ବ୍ୟବସ୍ଥା କୁ ସୁବିଧା ରେ ଯୋଗାଇ ଦେବାକୁ ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଙ୍କୁ କୁହାଯାଇଛି। କୃଷି ବିଭାଗକୁ କ୍ଷେତ୍ର ଅଧିକାରୀ କର୍ମଚାରୀ ଙ୍କ ସହ ଅଧିକରୁ ଅଧିକ ସମୀକ୍ଷା ବୈଠକ କରିବା ପାଇଁ କୁହାଯାଇଛି । ଅନେକ କ୍ଷେତ୍ର ପରିଦର୍ଶନ କରିବା ପାଇଁ ମଧ୍ୟ ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାରେ ଉଦ୍ୟାନ କୃଷି ରେ ଅଧିକ ଚାହିଦା ରହିଥିବା ଚାଷ କରିବାକୁ କୁହାଯାଇଛି। ସୁଭଦ୍ରା ଯୋଜନା ରେ ପଶୁ ପାଳନ ମାଧ୍ୟମରେ ଅଧିକ ମହିଳା ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଶିଶୁ ଉପଯୋଗୀ ହେବା ଦରକାର। ଅପପୁଷ୍ଟି ଶିକାର ହୋଇଥିବା ଶିଶୁ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଛି। ବିଡିଓ ମାନେ ଅଗ୍ରାଧିକାର ଭିତ୍ତିରେ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ବିକେଏସଏସ ମାଧ୍ୟମରେ ସଚେତନତା କରିବା ପାଇଁ କୁହାଯାଇଛି। ଜିଲ୍ଲାର ଶିକ୍ଷା, ପାନୀୟ ଜଳ ଯୋଗାଣ, ବିଦ୍ୟୁ ସଂଯୋଗୀକରଣ ବ୍ୟବସ୍ଥା ସହ ନିର୍ମାଣାଧିନ ରାସ୍ତା, ହାଇ ଲେଭଲ୍ ବ୍ରିଜ୍, କୋଠାବାଡ଼ି ର ଅଗ୍ରଗତି ସମ୍ପର୍କରେ ମଧ୍ୟ ଶ୍ରୀ ଆଲମ୍ ପଚାରି ବୁଝିଥିଲେ। ଶ୍ରୀ ଆଲାମ ଗତକାଲି କ୍ଷେତ୍ର ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ତଥା ଆବାସିକ ବିଦ୍ୟାଳୟ ଓ ଡାକ୍ତରଖାନା ପରିଦର୍ଶନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ବିଡ଼ିଓ ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ତାଳଚେର ସାର କାରଖାନା କାର୍ଯ୍ୟ ତୁରନ୍ତ ଶେଷ ହେଉ

**ତାଳଚେର /ଅନୁଗୁଳ, ୭।୧୨ (ନି.ପ୍ର):** ଢେଙ୍କାନାଳ ର ଲୋକପ୍ରିୟ ସାଂସଦ ରୁଦ୍ର ନାରାୟଣ ପାଣି ସଦା ସର୍ବଦା ଜନସାଧାରଣ ଙ୍କ ପାଇଁ କାର୍ଯ୍ୟ କରି ଆସିଛନ୍ତି ।ରାଜନୈତିକ, ସାମାଜିକ, ସାଂକୃତିକ, ସମସ୍ତ ଗତିବିଧି କ୍ଷେତ୍ରରେ ସାଂସଦ ଙ୍କର ସହାଭାଗିତା ରହୁଛି ।ସମସ୍ତ ଙ୍କର ବିପଦ ଆପଦ ରେ ସାଂସଦ ଛିଡା ହେଉଛନ୍ତି ।ତତସହ ସଦାସର୍ବଦା ନିର୍ବାଚନ ମଣ୍ଡଳୀ ସାରା ଜନସମ୍ପର୍କ କରିବା, ସାଧାରଣ ଲୋକଙ୍କ ର ଆପତ୍ତି ଅଭିଯୋଗ ଶୁଣି ବିଭିନ୍ନ ଫୋରମ ରେ ସମାଧାନ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।ପୁନଶ୍ଚ ଉପଯୁକ୍ତ ସମସ୍ୟା କୁ ପାର୍ଲିଆମେଣ୍ଟ ରେ ଉପସ୍ଥାପନ ସହ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ଙ୍କୁ ଭେଟି ସମସ୍ୟା ସମାଧାନ କରିବା ପାଇଁ ସର୍ବଦା ତତ୍ପରତା ପ୍ରକାଶ କରିଥାନ୍ତି ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ।

. ଗତକାଲି ସ୍ୱାଧୀନତା ସଂଗ୍ରାମୀ ଙ୍କୁ ଉଚିତ ସମ୍ମାନ ପାଇଁ ସ୍ମାରକୀ ଡାକ ଟିକଟ ପ୍ରଚଳନ ପାଇଁ ଦାବୀ କରିଥିବା ବେଳେ ଆଜି ଶୁକ୍ରବାର ପୁନଶ୍ଚ ତାଳଚେର ସାର କାରଖାନା ପ୍ରସଙ୍ଗ ଉଥାପନ କରିଛନ୍ତି ।ତାଳଚେର ସାର କାରଖାନା ୭୦ ଦଶକରୁ ପ୍ରତିଷ୍ଠା ହୋଇ ପରିଚାଳନା ଗତ ତ୍ରୁଟି ଯୋଗୁଁ ବନ୍ଦ ହୋଇଥିଲା ।ମୁଁ ୨୦୦୪ ରେ ରାଜ୍ୟ ସଭା ସଦସ୍ୟ ଥିବା ବେଳେ ପାର୍ଲିଆମେଣ୍ଟ ରେ ମାଡ୍ରାସ ଫର୍ଟିଲାଇଜର ପ୍ରସଙ୍ଗ ରେ ଆଲୋଚନା ବେଳେ ମୁଁ ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ପ୍ରସଙ୍ଗ ରେ ଦାବୀ ଉପସ୍ଥାପନ କରିଥିଲି । ପରେ ଅନେକ ବାର ତାଳଚେର ସାର କାରଖାନା ପୁନଃ ସ୍ଥାପନ ପାଇଁ ସଂସଦ ରେ ଦାବୀ ଉପସ୍ଥାପନ କରିଥିଲି ।

